୦୮ ମାର୍ଚ୍ଚ ୨୦୨୬ ରବିବାର

ସମୟ




# ମହାସମର



**ଇରାନ ଏବଂ ଇସ୍ରାଏଲ୍ ମଧ୍ୟରେ ବଢୁଥିବା ସଂଘର୍ଷ କେବଳ ଦୁଇଟି ଦେଶର ଲଢ଼େଇ ନୁହେଁ ବରଂ ଏହା ସମଗ୍ର ବିଶ୍ୱକୁ ଏକ ମହାସମର ଆଡ଼କୁ ଟାଣି ନେଉଛି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି । ପ୍ରତିଶୋଧ ଏବଂ ଶକ୍ତି ପ୍ରଦର୍ଶନର ଏହି ଖେଳ ମଧ୍ୟପ୍ରାଚ୍ୟରକୁ ଅଶାନ୍ତ କରିଛି, ଯାହାର ପ୍ରଭାବ ସାରା ବିଶ୍ୱ ଉପରେ ପଡୁଥିବା ଦେଖିବାକୁ ମିଳୁଛି ।**

ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ସଂଘର୍ଷ ଜାରି ରହିଛି । ପ୍ରତିଦିନ ସ୍ଥିତି ଗମ୍ଭୀର ହେବାସହ ଅନେକ ଧନଜନ ହାନି ଘଟିବାରେ ଲାଗିଛି । ଏହି ଯୁଦ୍ଧରେ ଇରାନର ସର୍ବୋଚ୍ଚ ନେତା ଅୟାତୋଲାହ ଅଲି ଖାମେନେଇଙ୍କ ସମେତ ଅନେକ ନେତା ପ୍ରାଣ ହରାଇଛନ୍ତି । ଏହାର ଜବାବରେ ଇରାନ ପକ୍ଷରୁ ଇସ୍ରାଏଲ ଏବଂ ଗଲ୍ଫ ଅଞ୍ଚଳରେ ଥିବା ଆମେରିକାର ସହଯୋଗୀ ଦେଶଗୁଡ଼ିକ ଉପରେ କ୍ରମାଗତ ଆକ୍ରମଣ ଆରମ୍ଭ କରାଯାଇଛି । ଏହି ଆକ୍ରମଣ ଏବେ ସାମରିକ ଘାଟି ବ୍ୟତୀତ ସାଧାରଣ ନାଗରିକ ସ୍ଥଳ ଏବଂ ଶକ୍ତି କେନ୍ଦ୍ରଗୁଡ଼ିକ ପର୍ଯ୍ୟନ୍ତ ବ୍ୟାପିଗଲାଣି । ଗତ କିଛି ଦିନ ମଧ୍ୟରେ ସାଇପ୍ରସ ଏବଂ ଲେବାନନ୍ ମଧ୍ୟ ଏହି ଯୁଦ୍ଧ ପରିସରଭୁକ୍ତ ହୋଇଥିବା ବେଳେ ଉଭୟ ପକ୍ଷରେ ବ୍ୟାପକ ଧନଜୀବନ ହାନି ହେବାରେ ଲାଗିଛି । ରିପୋର୍ଟ ଅନୁଯାୟୀ, ଫେବୃଆରୀ ୨୮ ରେ ଆମେରିକା ଓ ଇସ୍ରାଏଲ ଇରାନର ମିସାଇଲ ଭିତ୍ତିଭୂମି ଏବଂ ତେହେରାନ ସ୍ଥିତ ନେତୃତ୍ୱକୁ ଟାର୍ଗେଟ କରି ପ୍ରବଳ ବୋମାମାଡ଼ କରିଥିଲେ, ଯେଉଁଥିରେ ୧୯୮୯ରୁ ଶାସନ କରୁଥିବା ଆୟାତୋଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ଘଟିଥିଲା । ଇରାନ ରେଡ୍ କ୍ରେସେଣ୍ଟ ଏବଂ ମାନବାଧିକାର ସଂଗଠନଗୁଡ଼ିକର ସୂଚନା ଅନୁସାରେ, ଏହି ଆକ୍ରମଣରେ ଏବେ ସୁଦ୍ଧା ୧,୦୦୦ରୁ ଅଧିକ ସାଧାରଣ ନାଗରିକ ପ୍ରାଣ ହରାଇଥିବା ବେଳେ ସେଥିମଧ୍ୟରେ ୧୮୧ରୁ ଅଧିକ ଶିଶୁ ଅଛନ୍ତି । ଏହି ସମୟରେ ଇରାନର ଇଣ୍ଟରନେଟ୍ ସେବା ଏବଂ ଆକାଶ ମାର୍ଗକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦିଆଯାଇଛି ।

## ଇରାନର ପାଲଟା ଆକ୍ରମଣ

ଇରାନ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣକୁ ବେଆଇନ ଏବଂ ଅବୈଧ ବୋଲି ଘୋଷଣା କରିଛି । ଏହା ଘୋଷଣା କରିବା ସହିତ ସେ ଏହାର ଜବାବରେ ବ୍ୟାପକ ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ ଜାରି ରଖିଛି ।





ଇରାନର ରିଭୋଲ୍ୟୁସନାରୀ ଗାର୍ଡ ପକ୍ଷରୁ କୁହାଯାଇଛି ଯେ, ସେମାନେ ତେଲ୍ ଆଭିଭ୍ ସମେତ ଇସ୍ରାଏଲର ବିଭିନ୍ନ ସରକାରୀ ଏବଂ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିଛନ୍ତି। ଏହା ସହିତ ଆମେରିକା ଘାଟି ଥିବା କାତାର, ବାହାରିନ, ଜର୍ଡାନ, ସଂଯୁକ୍ତ ଆରବ ଏମିରେଟ୍ସ ଓ କୁଏତ ସମେତ ଆମେରିକାର ସହଯୋଗୀ ଦେଶ ଓମାନ ଏବଂ ସୌଦି ଆରବରେ ମଧ୍ୟ ଆକ୍ରମଣ ହୋଇଥିବାନେଇ ସୂଚନା ରହିଛି । ସୌଦି ଆରବର ରାଜଧାନୀ ରିୟାଦ୍‌ରେ ଥିବା ଆମେରିକୀୟ ଦୂତାବାସ ଏବଂ ଦୁବାଇରେ ଥିବା ଆମେରିକୀୟ କନସୁଲେଟ୍ ନିକଟସ୍ଥ ପାର୍କିଂ ଅଞ୍ଚଳରେ ଅନେକ ଡ୍ରୋନ୍ ମାଡ଼ ହୋଇଥିବାର ସୂଚନା ରହିଛି । ଗତ କିଛି ଦିନ ହେବ ଇରାନ ସାମୁଦ୍ରିକ ଜାହାଜ ଏବଂ ସାଧାରଣ ନାଗରିକଙ୍କ ସ୍ଥଳ, ଯେପରିକି ଦୁବାଇର ହୋଟେଲଗୁଡ଼ିକୁ ଟାର୍ଗେଟ କରୁଥିବା ଅଭିଯୋଗ ଆସୁଛି । ଏହି ଘଟଣାକୁ ନେଇ ଆମେରିକା ଓ ତା'ର ଆରବ ସହଯୋଗୀମାନେ ଏକ ଯୁଗ୍ମ ବିବୃତି ଜାରି କରି ଇରାନର ଏହି ଆଚରଣକୁ "ବେପରୁଆ ଏବଂ ଅସ୍ଥିରତା ସୃଷ୍ଟିକାରୀ" ବୋଲି ନିନ୍ଦା କରିଛନ୍ତି। ଅନ୍ୟପଟେ ସାଇପ୍ରସରେ ଥିବା ବ୍ରିଟିଶ ସାମରିକ ଘାଟି ଉପରେ ମଧ୍ୟ ଡ୍ରୋନ୍ ଆକ୍ରମଣ ହୋଇଛି ଏବଂ ଯେଉଥିରେ ଏକାଧୀକ ଆମେରିକୀୟ ସୈନ୍ୟ ପ୍ରାଣ ହରାଇଥିବା ବେଳେ ଅନେକ ଜଣ ଆହତ ହୋଇଥିବା ସୂଚନା ରହିଛି ।

## ଲେବନାନର ସ୍ଥିତି

ମଧ୍ୟପ୍ରାଚୀର ଦେଶ ଲେବାନନରେ ପରିସ୍ଥିତି ଏବେ ବେଶ୍ ଗମ୍ଭୀର ହେବାରେ ଲାଗିଛି । ଗତ ସୋମବାର ଦିନ ସେଠାରେ ଯୁଦ୍ଧର ଏକ ନୂଆ ମୋଡ଼ ଆରମ୍ଭ ହୋଇଛି, ଯେତେବେଳେ ସନ୍ତ୍ରାସବାଦୀ ସଂଗଠନ 'ହିଜବୁଲ୍ଲା' ଇସ୍ରାଏଲର ବିଭିନ୍ନ ସ୍ଥାନକୁ ଲକ୍ଷ୍ୟ କରି ରକେଟ୍ ମାଡ଼ କରିଛି । ଏହାର ଜବାବରେ ଇସ୍ରାଏଲ୍ ପକ୍ଷରୁ ବେରୁଟ୍ ଏବଂ ଦକ୍ଷିଣ ଲେବାନନର ଅନେକ ଅଞ୍ଚଳରେ ପ୍ରବଳ ଆକ୍ରମଣ କରାଯାଇଛି । ହିଜବୁଲ୍ଲା ହେଉଛି ଇରାନ ସରକାରଙ୍କ ଏକ ପ୍ରମୁଖ ସହଯୋଗୀ ଏବଂ ଖାମେନେଇଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ସେମାନେ ଏହି ଆକ୍ରମଣ କରୁଥିବା ପ୍ରକାଶ କରିଛନ୍ତି । ମଙ୍ଗଳବାର ଦିନ ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ, ହିଜବୁଲ୍ଲାକୁ ରୋକିବା ପାଇଁ ସେମାନଙ୍କ ସ୍ଥଳ ସେନା ଖୁବଶୀଘ୍ର ଲେବାନନର ଆହୁରି ଅଧିକ ରଣନୈତିକ ଅଞ୍ଚଳକୁ ନିଜ କବଜାକୁ ନେବା ପାଇଁ ଆଗକୁ ବଢ଼ିବ । ସେପଟେ ମିଳିତ ଜାତିସଂଘର ସୂଚନା ଅନୁଯାୟୀ, ଯୁଦ୍ଧର ଏହି ଭୟଙ୍କର ରୂପ ଯୋଗୁଁ ଏବେ ସୁଦ୍ଧା ୩୦,୦୦୦ ରୁ ଅଧିକ ଲୋକ ନିଜ ଘରଦ୍ୱାର ଛାଡ଼ି ପଳାଇବାକୁ ବାଧ୍ୟ ହୋଇଛନ୍ତି । ଅନେକ ଧନ ଜନହାନି ହେବାରେ ମଧ୍ୟ ଲାଗିଛି ।

## ସମ୍ପର୍କର ଇତିହାସ

ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇସ୍ରାଏଲ୍‌ର ଇରାନ ଉପରେ ହୋଇଥିବା ସାମ୍ପ୍ରତିକ ଆକ୍ରମଣ ଏକ ଭୟଙ୍କର ଯୁଦ୍ଧର ରୂପ ନେଇଛି, ଯେଉଁଥିରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ପରିସ୍ଥିତିକୁ ଅଧିକ ଜଟିଳ କରିଦେଇଛି । ଏହି ଆକ୍ରମଣ ପଛରେ ଅନେକଗୁଡ଼ିଏ ଗଭୀର ରଣନୈତିକ, ସାମରିକ ଏବଂ ଐତିହାସିକ କାରଣ ରହିଛି । ପ୍ରଥମତଃ, ଇସ୍ରାଏଲ ଏହାକୁ ଏକ 'ପ୍ରତିଷେଧକ ଆକ୍ରମଣ' ବା ପ୍ରି-ଏମ୍ପଟିଭ୍ ଷ୍ଟ୍ରାଇକ୍ ବୋଲି କହିଛି, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଇସ୍ରାଏଲର ଅସ୍ତିତ୍ୱ ପ୍ରତି ବିପଦ ସାଜିଥିବା ଇରାନର ମିସାଇଲ୍ ଭିତ୍ତିଭୂମି ଏବଂ ଡ୍ରୋନ୍ କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା । ତେଣୁ ସେ ଇରାନ ଉପରେ ଆକ୍ରମଣ କରିଥିବାନେଇ ଅନେକ ଇସ୍ରାଏଲର ନେତା ମତ ଦେଉଛନ୍ତି । ଦ୍ୱିତୀୟରେ, ଆମେରିକାର ଦାବି ଅନୁଯାୟୀ ଇରାନ ନିଜର ପରମାଣୁ କାର୍ଯ୍ୟକ୍ରମକୁ ଗୁପ୍ତରେ ଜାରି ରଖିଛି । ଯେଉଁଥିରେ ସେ ପରମାଣୁ ବୋମା ଓ ଏପରି ଦୂରଗାମୀ ବାଲିଷ୍ଟିକ୍ ମିସାଇଲ୍ ପ୍ରସ୍ତୁତ କରୁଥିଲା, ଯାହା ଆଗାମୀ ସମୟରେ ଆମେରିକାର ମୂଳ ଭୂଖଣ୍ଡ ପର୍ଯ୍ୟନ୍ତ ପହଞ୍ଚିବାର କ୍ଷମତା ରଖିଥାନ୍ତା । ତୃତୀୟରେ, ଇରାନରେ ହେଉଥିବା ଜନ ଆନ୍ଦୋଳନକୁ ଦମନ କରିବା ପାଇଁ ସେଠାକାର ସରକାର ଅତି ଅମାନୁଷିକ ଭାବେ ବଳ ପ୍ରୟୋଗ କରୁଥିଲେ, ଯାହାକୁ ନେଇ ପାଶ୍ଚାତ୍ୟ ଦେଶଗୁଡ଼ିକରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ମୂଳତଃ ଏହି କାରଣ ପାଇଁ ଯୁଦ୍ଧ ଆରମ୍ଭ ହେଇଥିବାନେଇ ସୂଚନା ରହିଛି । ଏହି ସଂଘର୍ଷର ଇତିହାସକୁ ଦେଖିଲେ, ୧୯୭୯ର ଇସଲାମିକ କ୍ରାନ୍ତି ପୂର୍ବରୁ







ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଉତ୍ତମ ସମ୍ପର୍କ ଥିଲା । ହେଲେ କ୍ରାନ୍ତି ପରେ ଇରାନର ନୂତନ ନେତୃତ୍ୱ ଇସ୍ରାଏଲକୁ ଏକ 'ଅବୈଧ ରାଷ୍ଟ୍ର' ଭାବେ ଘୋଷଣା କରିବା ସହ ଏହାର ବିନାଶ ପାଇଁ ଆହ୍ୱାନ ଦେଇଥିଲେ। ସେବେଠାରୁ ଉଭୟ ଦେଶ ମଧ୍ୟରେ ଏକ 'ଛାୟା ଯୁଦ୍ଧ' ଚାଲିଆସୁଛି, ଯେଉଁଥିରେ ଇରାନ ନିଜର ପ୍ରକ୍ସି ଗୋଷ୍ଠୀ ଯଥା ହିଜବୁଲ୍ଲା, ହାମାସ ଏବଂ ହୁତି ବିଦ୍ରୋହୀଙ୍କ ସାହାଯ୍ୟରେ ଇସ୍ରାଏଲକୁ ଟାର୍ଗେଟ କରୁଛି । ଅନ୍ୟପଟେ ଇସ୍ରାଏଲ୍ ବିଭିନ୍ନ ସମୟରେ ଇରାନର ପରମାଣୁ ବୈଜ୍ଞାନିକଙ୍କୁ ହତ୍ୟା କରିବା ଏବଂ ସାଇବର ଆକ୍ରମଣ ଜରିଆରେ ସେମାନଙ୍କ ପରମାଣୁ ରିଆକ୍ଟରକୁ ନଷ୍ଟ କରିବାକୁ ଚେଷ୍ଟା କରିଆସିଛି । ବର୍ତ୍ତମାନର ଏହି ପ୍ରତ୍ୟକ୍ଷ ମୁହାଁମୁହିଁ ପରିସ୍ଥିତି ଦଶନ୍ଧି ଦଶନ୍ଧି ଧରି ଜମି ରହିଥିବା ସେହି ପୁରୁଣା ଶତ୍ରୁତା, ପରମାଣୁ ଶକ୍ତି ହାସଲ କରିବାର ପ୍ରତିଯୋଗିତା ଏବଂ ମଧ୍ୟପ୍ରାଚ୍ୟରେ ନିଜର ପ୍ରଭୁତ୍ୱ ବିସ୍ତାର କରିବାର ଚରମ ପରିଣତି ଅଟେ। ତେବେ ଏହି ଯୁଦ୍ଧରେ ଆମେରିକାର ଇସ୍ରାଏଲକୁ ସହଯୋଗ ପରିସ୍ଥିତିକୁ ଆହୁରି ଜଟିଳ କରିଛି ।

## ଆମେରିକାର ଭୂମିକା

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ କିପରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଇରାନ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ କଲେ, ସେ ନେଇ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ବିଗତ ଦୁଇ ଦଶନ୍ଧି ଧରି ଇରାନର ପରମାଣୁ କାର୍ଯ୍ୟକ୍ରମକୁ ଇସ୍ରାଏଲ୍ ପାଇଁ ବିପଦ ବୋଲି ଦର୍ଶାଇ ଆସୁଥିବା ନେତନ୍ୟାହୁ, ୪ ଫେବୃଆରୀ ୨୦୨୫ରେ ଟ୍ରମ୍ପଙ୍କୁ ଭେଟିବା ପରେ ଏହି ବଡ଼ ଧରଣର ଆକ୍ରମଣର ପୃଷ୍ଠଭୂମି ପ୍ରସ୍ତୁତ କରିଥିବାନେଇ ଦାବି ହେଉଛି । ପ୍ରାରମ୍ଭରେ ଟ୍ରମ୍ପ ଏହି ଯୁଦ୍ଧରେ ସାମିଲ ହେବାକୁ ଚାହୁଁନଥିଲେ ଏବଂ ନେତନ୍ୟାହୁଙ୍କୁ ଚେତାବନୀ ମଧ୍ୟ ଦେଇଥିଲେ ବୋଲି ଜଣା ପଡିଛି । କିନ୍ତୁ ପରବର୍ତ୍ତୀ ସମୟରେ ଇସ୍ରାଏଲ୍ ଆମେରିକାକୁ ବିଶ୍ୱାସ ଦେଇଥିଲା ଯେ ସାମରିକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ହିଁ ଇରାନ ସହ ପରମାଣୁ ଚୁକ୍ତି ସହଜ ହେବ। ୯ ଜୁନ୍ ୨୦୨୫ରେ ନେତନ୍ୟାହୁ ଟ୍ରମ୍ପଙ୍କୁ ଫୋନ୍ କରି "ମିଶନ୍ ଆରମ୍ଭ ହୋଇଯାଇଛି" ବୋଲି ଜଣାଇବା ପରେ ଟ୍ରମ୍ପଙ୍କ ପାଖରେ ଇସ୍ରାଏଲକୁ ସମର୍ଥନ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା । ଶେଷରେ ୨୨ ଜୁନ୍ ୨୦୨୫ରେ ଟ୍ରମ୍ପ ମଧ୍ୟ ବି _ ୨ ବମ୍ବର ଜରିଆରେ ଇରାନର ପରମାଣୁ ପ୍ରତିଷ୍ଠାନଗୁଡ଼ିକ ଉପରେ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହା ଇରାନର ପରମାଣୁ କ୍ଷମତାକୁ ବହୁ ବର୍ଷ ପଛକୁ ଠେଲି ଦେଇଥିଲା । ହେଲେ ଜୁନ୍ ମାସର ଆକ୍ରମଣ ପରେ ଇରାନର ପରମାଣୁ କ୍ଷମତା ଶେଷ ହୋଇଯାଇଥିବା କୁହାଯାଉଥିଲେ ହେଁ, ଅକ୍ଟୋବର ୨୦୨୫ରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଏକ ନୂତନ ବିପଦ ବିଷୟରେ ଚେତାବନୀ ଦେଇଥିଲେ। ସେ ଦାବି କରିଥିଲେ ଯେ ଇରାନ ୮ ହଜାର କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା 'ଇଣ୍ଟର-କଣ୍ଟିନେଣ୍ଟାଲ୍ ବାଲିଷ୍ଟିକ୍ ମିସାଇଲ୍' ପ୍ରସ୍ତୁତ କରୁଛି, ଯାହା ଆମେରିକାର ଯେକୌଣସି ସହରକୁ ଧ୍ୱଂସ କରିପାରିବ । ଏହି ସମୟରେ ଓମାନର ମଧ୍ୟସ୍ଥତାରେ ଆମେରିକା ଓ ଇରାନ ମଧ୍ୟରେ ପରମାଣୁ ଚୁକ୍ତି ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟ ଆଲୋଚନା ଚାଲିଥିଲା । ୨୮ ଫେବୃଆରୀରେ ଏକ ଶାନ୍ତି ଚୁକ୍ତି ହେବାର ପୂର୍ଣ୍ଣ ସମ୍ଭାବନା ଥିଲା । ମାତ୍ର 'ୱାଶିଂଟନ୍ ପୋଷ୍ଟ'ର ରିପୋର୍ଟ ଅନୁଯାୟୀ, ନେତନ୍ୟାହୁ ଏବଂ ସୌଦି ଆରବର କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ଗୁପ୍ତରେ ଟ୍ରମ୍ପଙ୍କ ଉପରେ ଚାପ ପକାଇ ଆକ୍ରମଣ ପାଇଁ ପ୍ରବର୍ତ୍ତାଇଥିଲେ। ମହମ୍ମଦ ବିନ୍ ସଲମାନ ଚେତାବନୀ ଦେଇଥିଲେ ଯେ ଯଦି ଏବେ କାର୍ଯ୍ୟାନୁଷ୍ଠାନ ନିଆନଯାଏ, ତେବେ ଇରାନ ଭବିଷ୍ୟତରେ ଅଧିକ ଭୟଙ୍କର ରୂପ ନେବ । ଶେଷରେ ଏହି ରଣନୈତିକ ଚାପରେ ପଡ଼ି ଟ୍ରମ୍ପ ଚୁକ୍ତିର ମାତ୍ର କିଛି ଦିନ ପୂର୍ବରୁ ଇରାନ ଉପରେ ଏକ ବିଶାଳ ସାମରିକ ଆକ୍ରମଣ ପାଇଁ ଆଦେଶ ଦେଇଥିଲେ, ଯାହା ଚାଲିଥିବା ସମସ୍ତ କୂଟନୈତିକ ପ୍ରୟାସକୁ ପୁଣିଥରେ ଧୂଳିସାତ୍ କରିଦେଇଥିଲା ।


## ଲାଭ କାହାର

ଏହି ଯୁଦ୍ଧରେ ଇସ୍ରାଏଲ୍ କିମ୍ବା ଆମେରିକା ମଧ୍ୟରୁ କାହାକୁ ଅଧିକ ଫାଇଦା ମିଳିବ, ତାହାକୁ ନେଇ ଚାଲିଥିବା ବିଶ୍ଳେଷଣରୁ ଜଣାପଡ଼ିଛି ଯେ ଉଭୟ ଦେଶର ନିଜସ୍ୱ ରଣନୈତିକ ସ୍ୱାର୍ଥ ରହିଛି । ଯଦି ଇରାନ ସହିତ ଆମେରିକାର ସମ୍ପର୍କ ସୁଧୁରିଥାନ୍ତା, ତେବେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲର ଏକଚାଟିଆ ପ୍ରଭାବ କ୍ଷୁଣ୍ଣ ହେବାର ଆଶଙ୍କା ଥିଲା । କାରଣ ୧୯୪୮ ପରଠାରୁ ଇସ୍ରାଏଲ୍ ହେଉଛି ଆମେରିକାଠାରୁ ସବୁଠାରୁ ଅଧିକ ଆର୍ଥିକ ଓ ସାମରିକ ସହାୟତା ପାଉଥିବା ଦେଶ। 'କାଉନସିଲ୍ ଅନ୍ ଫରେନ୍ ରିଲେସନ୍ସ'ର ତଥ୍ୟ ଅନୁଯାୟୀ, ଆମେରିକା ଏବେ ସୁଦ୍ଧା ଇସ୍ରାଏଲକୁ ୩୦୦ ବିଲିୟନ ଡଲାରରୁ ଅଧିକ ସହାୟତା ଦେଇସାରିଛି । କେବଳ ଏତିକି ନୁହେଁ ବାର୍ଷିକ ପ୍ରାୟ ୩.୮ ବିଲିୟନ ଡଲାରର ସାମରିକ ସହାୟତା ଅର୍ଥାତ ଇସ୍ରାଏଲର ପ୍ରତିରକ୍ଷା ବଜେଟର ୧୬ ପ୍ରତିଶତ ଭରଣା କରେ। ଅନ୍ୟପଟେ, ଇରାନରେ ସର୍ବୋଚ୍ଚ ନେତା ଖାମେନେଇଙ୍କ ପତନ ଏବଂ ଏକ ଆମେରିକା ସପକ୍ଷବାଦୀ ସରକାର ଗଠନ ହେଲେ ୱାଶିଂଟନକୁ ବଡ଼ ଫାଇଦା ମିଳିବ । ମଧ୍ୟପ୍ରାଚ୍ୟର ପ୍ରାୟ ସମସ୍ତ ପ୍ରମୁଖ ଦେଶରେ ଆମେରିକାର ସାମରିକ ଘାଟି ଥିଲେ ହେଁ କେବଳ ଇରାନରେ ଏହାର କୌଣସି ଉପସ୍ଥିତି ନାହିଁ। ଯଦି ଇରାନରେ ଶାସନ ପରିବର୍ତ୍ତନ ହୁଏ, ତେବେ ରେଡ ସିର ବାଣିଜ୍ୟିକ ମାର୍ଗ ଉପରେ ନିୟନ୍ତ୍ରଣ ସହ ସମ୍ପୂର୍ଣ୍ଣ ମଧ୍ୟପ୍ରାଚ୍ୟରେ ଆମେରିକାର ପ୍ରଭୁତ୍ୱ ପ୍ରତିଷ୍ଠା ହୋଇପାରିବ, ଯାହା ଉଭୟ ଦେଶ ପାଇଁ ଏକ ବିରାଟ ରଣନୈତିକ ବିଜୟ ସଦୃଶ ହେବ । ତେଣୁ ଏଥିପାଇଁ ଆମେରିକା ଏହି ଯୁଦ୍ଧରେ ଏତେ ମନ ବଳାଉଥିବା ନେଇ ଚର୍ଚ୍ଚା ହେଉଛି ।

## ଆରବ ଦେଶ କାହିଁକି ଛାଡିଲେ ହାତ

ମଧ୍ୟପ୍ରାଚ୍ୟରେ ଚାଲିଥିବା ଏହି ସଂଘର୍ଷରେ ସୌଦି ଆରବ ଭଳି ମୁସଲିମ ଦେଶଗୁଡ଼ିକ ଇରାନକୁ ସାହାଯ୍ୟ ନକରିବାର ଅନେକ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି । ଯାହାର ମୂଳ ମଧ୍ୟପ୍ରାଚ୍ୟର ଶିଆ-ସୁନ୍ନୀ ବିବାଦ ଏବଂ କ୍ଷମତା ସଂଘର୍ଷରେ ନିହିତ । ସୌଦି ଆରବ ଏବଂ ଇରାନ ମଧ୍ୟରେ ଇସଲାମିକ ଜଗତର ନେତୃତ୍ୱ ନେବା ପାଇଁ ଦୀର୍ଘ ଦଶନ୍ଧି ଧରି ପ୍ରତିଯୋଗିତା ଚାଲିଆସିଛି, ଯେଉଁଥିରେ ସୌଦି ଏକ

### ଇରାନର ବରିଷ୍ଠ ନେତୃବୃନ୍ଦ







ସୁନ୍ନୀ ବହୁଳ ଦେଶ ହୋଇଥିବା ବେଳେ ଇରାନ ଏକ ଶିଆ ବହୁଳ ରାଷ୍ଟ୍ର । ସୌଦି ଆରବ, କାତାର ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ୟୁଏଇ ଭଳି ଦେଶଗୁଡ଼ିକର ଆମେରିକା ସହିତ ଗଭୀର ସାମରିକ ଓ ଆର୍ଥିକ ସମ୍ପର୍କ ରହିଛି । ସେମାନେ ନିଜର ସୁରକ୍ଷା ପାଇଁ ଆମେରିକା ଉପରେ ନିର୍ଭରଶୀଳ । ଅନ୍ୟପଟେ, ଇରାନ ଯେଉଁ ହୁତି ଏବଂ ହିଜବୁଲ୍ଲା ଭଳି ସଶସ୍ତ୍ର ସଂଗଠନଗୁଡ଼ିକୁ ସାହାଯ୍ୟ କରୁଛି, ସେମାନେ ବିଭିନ୍ନ ସମୟରେ ଅନ୍ୟ ଆରବ ଦେଶଗୁଡ଼ିକର ସ୍ଥିରତା ପ୍ରତି ବିପଦ ସୃଷ୍ଟି କରିଛନ୍ତି । ଏହା ବ୍ୟତୀତ, ପାକିସ୍ତାନ ବ୍ୟତୀତ ଅନ୍ୟ କୌଣସି ମୁସଲିମ ଦେଶ ପାଖରେ ପରମାଣୁ ଅସ୍ତ୍ର ନଥିବା ବେଳେ, ଆରବ ଦେଶଗୁଡ଼ିକ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନିଜ ଅଞ୍ଚଳ ପାଇଁ ଏକ ବଡ଼ ବିପଦ ଭାବେ ଦେଖୁଛନ୍ତି । ତେଣୁ ଇରାନ ଦୁର୍ବଳ ହେବା ଦ୍ୱାରା ମଧ୍ୟପ୍ରାଚ୍ୟରେ ଆମେରିକାର ପ୍ରଭାବ ବଢ଼ିବା ସହ ସୌଦି ପରି ଦେଶଗୁଡ଼ିକର ସ୍ଥିତି ଅଧିକ ସୁଦୃଢ଼ ହେବାର ସମ୍ଭାବନା ଥିବାରୁ ସେମାନେ ଏହି ଯୁଦ୍ଧରେ ଇରାନକୁ ସମର୍ଥନ କରିନାହାନ୍ତି ।

## କ'ଣ ରହିଛି ଇରାନର ଶକ୍ତି

ଇରାନ ପାଖରେ ବିଶ୍ୱର ଅନ୍ୟତମ ବୃହତ୍ତମ ବାଲିଷ୍ଟିକ ମିସାଇଲ୍ ଭଣ୍ଡାର ରହିଛି, ଯେଉଁଥିରେ ୨,୦୦୦ ରୁ ୨,୫୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା କ୍ଷେପଣାସ୍ତ୍ର ସାମିଲ ଅଛି । ଏହା ସହିତ ଇରାନର ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା, ବିଶେଷ କରି ଶାହେଦ୍ ସିରିଜର ଆତ୍ମଘାତୀ ଡ୍ରୋନ୍, ଆଧୁନିକ ଯୁଦ୍ଧକ୍ଷେତ୍ରରେ ନିଜର ଘାତକ କ୍ଷମତା ପ୍ରମାଣିତ କରିଛି । ପ୍ରାୟ ୬,୧୦,୦୦୦ ସକ୍ରିୟ ସୈନ୍ୟ ଏବଂ ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସର ଶକ୍ତିଶାଳୀ ନେଟୱର୍କ ସହ ଇରାନ ସ୍ଥଳ ଭାଗରେ ବେଶ୍ ଶକ୍ତିଶାଳୀ ।

## ଇସ୍ରାଏଲର ଶକ୍ତି ବଢାଉଛି ଆମେରିକା

ଇସ୍ରାଏଲର ସାମରିକ ଏବଂ ବୈଷୟିକ ଶକ୍ତି ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅନ୍ୟତମ । ଏହାର ଅତ୍ୟାଧୁନିକ ପ୍ରତିରକ୍ଷା ପ୍ରଣାଳୀ, ଗୁପ୍ତଚର ସଂସ୍ଥା 'ମୋସାଦ' ଏବଂ ଆମେରିକାର ଅକୁଣ୍ଠ ସମର୍ଥନ ଏହାକୁ ଶକ୍ତିଶାଳୀ କରୁଛି । ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ପାଖରେ ବିଶ୍ୱର ସର୍ବୋତ୍ତମ ବାୟୁସେନା ରହିଛି, ଯେଉଁଥିରେ ଆମେରିକା ନିର୍ମିତ ଏଫ୍-୩୫ ଭଳି ଷ୍ଟିଲ୍ଥ୍ ଯୁଦ୍ଧ ବିମାନ ସାମିଲ ରହିଛି ଏବଂ ଏହାର 'ଆଇରନ୍ ଡୋମ୍', 'ଡେଭିଡସ୍ ସ୍ଲିଙ୍ଗ' ଓ 'ଆରୋ' ଭଳି ବହୁସ୍ତରୀୟ ମିସାଇଲ୍ ପ୍ରତିରକ୍ଷା ବ୍ୟବସ୍ଥା ଶତ୍ରୁର ଯେକୌଣସି ଆକ୍ରମଣକୁ ଆକାଶରେ ହିଁ ଧ୍ୱଂସ କରିପାରେ । ଏହି ଶକ୍ତି ପଛରେ ଆମେରିକାର ଏକ ବଡ଼ ହାତ ରହିଛି, ଯିଏକି ଇସ୍ରାଏଲକୁ ବାର୍ଷିକ ପ୍ରାୟ ୩.୮ ବିଲିୟନ ଡଲାରର ସାମରିକ ସହାୟତା ପ୍ରଦାନ କରିବା ସହ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବଂ ରଣନୈତିକ ସୂଚନା ଦେଇ ସୁରକ୍ଷିତ ରଖିଥାଏ ।

## ବିଶ୍ୱ ଅର୍ଥନୀତି ଉପରେ ପ୍ରଭାବ


ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଏହି ଭୟଙ୍କର ସଂଘର୍ଷ ବିଶ୍ୱ ଅର୍ଥନୀତି ଉପରେ ଗମ୍ଭୀର ପ୍ରଭାବ ପକାଇବା ଆରମ୍ଭ କରିଛି । ଏଥିରେ ବିଶ୍ୱର ପ୍ରାୟ ୨୦% ତୈଳ ଏବଂ ଗ୍ୟାସ୍ ଯୋଗାଣ କରୁଥିବା ଗୁରୁତ୍ୱପୂର୍ଣ୍ଣ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ବନ୍ଦ ହେବା ପରିସ୍ଥିତି ସୃଷ୍ଟି ହୋଇଛି । ଓମାନର ଦୁକମ୍ ବାଣିଜ୍ୟିକ ବନ୍ଦର ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ଫୁଜୈରା ଟର୍ମିନାଲ୍ ଭଳି ପ୍ରମୁଖ ତୈଳ କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ ହେବା ଯୋଗୁଁ କାତାର ଏବଂ ସୌଦି ଆରବ ଭଳି ଦେଶଗୁଡ଼ିକ ନିଜର ଉତ୍ପାଦନ ବନ୍ଦ ରଖିବାକୁ ବାଧ୍ୟ ହୋଇଛନ୍ତି । ଯାହାର ପରିଣାମ ସ୍ୱରୂପ ଅଶୋଧିତ ତୈଳ ଦରରେ ୧୫% ବୃଦ୍ଧି ଘଟି ବ୍ରେଣ୍ଟ ଅଏଲ୍ ମୂଲ୍ୟ ବ୍ୟାରେଲ୍ ପିଛା ୮୩.୯୬ ଡଲାରରେ ପହଞ୍ଚିଛି, ଆଗକୁ ଏହା ଆହୁରି ବଢିପାରେ ବୋଲି ଆଶଙ୍କା ରହିଛି । କୁଏତ ଉପକୂଳରେ ଏକ ବଡ଼ ଧରଣର ବିସ୍ଫୋରଣ ଯୋଗୁ ତେଲ ଟ୍ୟାଙ୍କରରୁ ତେଲ ଲିକ୍ ହେବା ଘଟଣା ସାମୁଦ୍ରିକ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଛି । ଏହି ଅସ୍ଥିରତା ଯୋଗୁ ସାରା ବିଶ୍ୱରେ ମୁଦ୍ରାସ୍ଫୀତି ବଢ଼ିବାର ଆଶଙ୍କା ଦେଖାଦେଇଛି ।

## ଭାରତ ଉପରେ ପ୍ରଭାବ

ମଧ୍ୟପ୍ରାଚ୍ୟରେ ଆମେରିକା, ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧର ପ୍ରଭାବ ଏବେ ଭାରତ ଉପରେ ପଡ଼ିବା ଆରମ୍ଭ କରିଛି । ଦେଶର ଶକ୍ତି ସୁରକ୍ଷା ଏବଂ ଅର୍ଥନୀତି ପାଇଁ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି । ଭାରତର ପ୍ରାୟ ଅଧା ଅଶୋଧିତ ତୈଳ ଆମଦାନୀ ସମେତ ଏଲ୍.ଏନ୍.ଜି ଏବଂ ଏଲ୍.ପି.ଜିର ଏକ ବଡ଼ ଅଂଶ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ଦେଇ ଆସିଥାଏ, ଯାହା ଏହି ସଂଘର୍ଷ ଯୋଗୁ ବର୍ତ୍ତମାନ ବନ୍ଦ ହୋଇଯାଇଛି । କେବଳ ଶକ୍ତି ନୁହେଁ, ଗଲ୍ଫ ଦେଶଗୁଡ଼ିକରେ ପ୍ରାୟ ୧ କୋଟି ଭାରତୀୟ ବାସ କରୁଛନ୍ତି, ଯେଉଁମାନେ ଭାରତକୁ ପଠାଉଥିବା ବିପୁଳ ପରିମାଣର ବିଦେଶୀ ମୁଦ୍ରା ଦେଶର ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିଥାଏ । ମାତ୍ର ବର୍ତ୍ତମାନର ଅସ୍ଥିରତା ଯୋଗୁ ପ୍ରବାସୀ ଭାରତୀୟଙ୍କ ସୁରକ୍ଷା ଓ ରୋଜଗାର ପ୍ରତି ବିପଦ ସୃଷ୍ଟି ହୋଇଛି । ଯୁଦ୍ଧ ଦୀର୍ଘସ୍ଥାୟୀ ହେଲେ ଭାରତର ପାରମ୍ପରିକ କୂଟନୈତିକ ସନ୍ତୁଳନ ବିଗିଡ଼ିଯିବ । ଯୁଦ୍ଧ ଯୋଗୁ ଭାରତ ଚାରୋଟି ମୁଖ୍ୟ କ୍ଷେତ୍ର ଶକ୍ତି ଯୋଗାଣ, ବିଦେଶୀ ମୁଦ୍ରା ପ୍ରବାହ, ପ୍ରବାସୀ ଭାରତୀୟଙ୍କ ସୁରକ୍ଷା ଆଦିରେ ବଡ଼ ଧରଣର କ୍ଷତି ସହିବ । ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ବନ୍ଦ ହେବାରୁ ଭାରତର ଶକ୍ତି ସୁରକ୍ଷା ଓ ଅର୍ଥନୀତି ପ୍ରତି ବଡ଼ ସଙ୍କଟ ସୃଷ୍ଟି ହୋଇଛି । ଯାହା କେବଳ ପେଟ୍ରୋଲ-ଡିଜେଲ ନୁହେଁ ବରଂ ରୋଷେଇ ଗ୍ୟାସ୍ ଏବଂ ଶିଳ୍ପାଞ୍ଚଳରେ ବ୍ୟବହୃତ ଏଲଏନଜି ଯୋଗାଣକୁ ମଧ୍ୟ ପ୍ରଭାବିତ କରିବ । ଭାରତ ନିଜର ଆବଶ୍ୟକ ମୋଟ ଅଶୋଧିତ ତୈଳର ୯୦% ଏବଂ ଏଲପିଜିର ୮୦-୮୫% ଆମଦାନୀ କରିଥାଏ, ଯାହାର ଏକ ବଡ଼ ଅଂଶ ଏହି ହର୍ମୁଜ୍ ଜଳପଥ ଦେଇ ଆସିଥାଏ । ଇରାନର ଚାବାହାର ବନ୍ଦର ଉପରେ ଆମେରିକାର କଟକଣା ଏବଂ ସାରା ଅଞ୍ଚଳରେ ବୃଦ୍ଧି ପାଉଥିବା ଅସ୍ଥିରତା ଯୋଗୁ ସାର, ପେଟ୍ରୋକେମିକାଲ୍ସ ଏବଂ ହୀରା କଳକାରଖାନା ଭଳି କ୍ଷେତ୍ରରେ କଞ୍ଚାମାଲର ଅଭାବ ଦେଖାଦେବ, ଯାହାକି ଏକ ଆଞ୍ଚଳିକ ସଂଘର୍ଷରୁ ଭାରତ ପାଇଁ ଏକ ବ୍ୟାପକ ଆର୍ଥିକ ସଙ୍କଟରେ ପରିଣତ ହେବ । ତେବେ ଏଥିପ୍ରତି ଭାରତ ସରକାର ଜାଗ୍ରତ ଥିବାବେଳେ ଉଚିତ ପଦକ୍ଷେପ ଗ୍ରହଣ କରୁଥିବାନେଇ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଦେଶବାସୀ କୌଣସି ସଙ୍କଟରେ ନ ଫସନ୍ତୁ ସେଥିପ୍ରତି ନଜର ଥି ବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ସେହିଭଳି ପ୍ରବାସୀ ଭାରତୀୟ ଯେଉଁମାନେ ଯୁଦ୍ଧ ପ୍ରଭାବିତ ଦେଶରେ ରହିଛନ୍ତି ସେମାନଙ୍କ ସହିତ ମଧ୍ୟ ଭାରତ ସରକାର ରହିଥିବା ସୂଚନା ଦେଇଛନ୍ତି । ସେମାନଙ୍କ ସୁରକ୍ଷାକୁ ନେଇ ସରକାର ତତ୍ପର ରହିବା ସହିତ ସମସ୍ତ ସୁବିଧା ଯୋଗାଉଥିବା ଜଣା ପଡିଛି ।





# ରେଡ କାର୍ପେଟ

ଲଣ୍ଡନରେ ଅନୁଷ୍ଠିତ ୨୦୨୬ ବ୍ରିଟିଶ୍ ଏକାଡେମୀ ଫିଲ୍ମ ଆୱାର୍ଡସର ରେଡ୍ କାର୍ପେଟରେ କିଛି ଏଭଳି ଫ୍ୟାଶନ ଦେଖିବାକୁ ମିଳିଥିଲା ଯାହା ପୂରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଏହି ଡ୍ରେସ ଗୁଡିକ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବା ସହିତ ଫ୍ୟାଶନକୁ ଭଲପାଉଥିବା ଲୋକଙ୍କ ପାଇଁ ଆକର୍ଷଣ ସାଜିଥିଲା ।



## ● ରେଡ କାର୍ପେଟ

ଲଣ୍ଡନରେ ଅନୁଷ୍ଠିତ ୨୦୨୬ ବ୍ରିଟିଶ୍ ଏକାଡେମୀ ଫିଲ୍ମ ଆୱାର୍ଡସର ରେଡ୍ କାର୍ପେଟରେ କିଛି ଏଭଳି ଫ୍ୟାଶନ ଦେଖିବାକୁ ମିଳିଥିଲା ଯାହା ପୂରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଏହି ଡ୍ରେସ ଗୁଡିକ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବା ସହିତ ଫ୍ୟାଶନକୁ ଭଲପାଉଥିବା ଲୋକଙ୍କ ପାଇଁ ଆକର୍ଷଣ ସାଜିଥିଲା ।

## ● ଟେୟାନା ଟେଲର୍

ଶ୍ରେଷ୍ଠ ସହ-ଅଭିନେତ୍ରୀ ମନୋନୀତ ଟେୟାନା ବର୍ବେରୀ ବ୍ରାଣ୍ଡର ଏକ ସ୍ୱତନ୍ତ୍ର ଫ୍ଲୋର୍-ଲେନ୍ଥ ଟ୍ରେଞ୍ଚ-କୋଟ୍ ଡ୍ରେସ୍ ପିନ୍ଧିଥିଲେ ଯାହା ଖୁବ ସୁନ୍ଦର ଥିଲା । ଏହାସହ ସ୍ୟାଟିନ୍ ଗ୍ଲୋଭସ୍ ଏବଂ ଟିଫାନୀ ଆଣ୍ଡ କୋ'ର ବ୍ରୋଚ୍ ବେଶ୍ ଆକର୍ଷଣୀୟ ଦେଖାଯାଉଥିଲା । ସବୁଠାରୁ ଆକର୍ଷଣୀୟ ଥିଲା ଡ୍ରେସର ରଙ୍ଗ ଯାହାଥିଲା ମେରୁନ ।

## ● ଆର୍ଚି ମାଡେକ୍ୱେ

ରାଇଜିଂ ଷ୍ଟାର୍ ଭାବେ ମନୋନୀତ ଆର୍ଚି ଡିଜାଇନର୍ ଜୋନାଥନ୍ ଆଣ୍ଡରସନଙ୍କ ଦ୍ୱାରା ପ୍ରସ୍ତୁତ ଡିଓର ର ଏକ ଷ୍ଟେଟମେଣ୍ଟ କଲର୍ ଯୁକ୍ତ ପୋଷାକ ପିନ୍ଧିଥିଲେ । ଏହି ଡ୍ରେସଟି ଟିକେ ହଟକେ ଥିଲା । ଏହାର କଲର କମ୍ବିନେସନ ବ୍ଲାକ ସହିତ ଅଫହ୍ୱାଇଟ ଖୁବ ଆକର୍ଷକ ଥିଲା ।

## ● ଅଡ୍ରେ ନୁନା

ଗ୍ରାମୀ ପରେ ଏଠାରେ ମଧ୍ୟ ସେ ଆମେରିକୀୟ ଡିଜାଇନର୍ ଥମ୍ ବ୍ରାଉନ୍ ଙ୍କ ୨୦୨୩ ସ୍ପ୍ରିଙ୍ଗ୍/ସମର୍ ରନୱେ ସଂଗ୍ରହର ଏକ ସ୍ୱତନ୍ତ୍ର ଲୁକ୍‌ରେ ନଜର ଆସିଥିଲେ । ଏହି ଲୁକଟି ତାଙ୍କୁ ଖୁବ ମାନୁଥିଲା ଏବଂ ଏହା ଖୁବ ଭବ୍ୟ ରହିଥିଲା ଯାହା ପୁରା ରେଡକାର୍ପେଟର ଶୋଭା ବଢାଇଥିଲା ।

## ● ରେଇ ଆମି

'କେ-ପପ୍ ଡେମନ୍ ହଣ୍ଟର୍ସ' ଷ୍ଟାର୍ ରେଇ ଆମି ଜାସ୍ମିନ ଏର୍ବାସ୍ କୋଟୁର ର ଏକ ଷ୍ଟ୍ରାପଲେସ୍ କରସେଟ୍ ଗାଉନ୍ ସହ ଡେଭିଡ୍ ୱେବ୍‌ଙ୍କ ଅଳଙ୍କାର ପିନ୍ଧିଥିଲେ । ଲୁକଟି ତାଙ୍କୁ କିଛି ଅଂଶରେ ମର୍ମେଡ ଲୁକ ପ୍ରଦାନ କରିଥିଲା ଯାହା ସେଠାରେ ଉପସ୍ଥିତ ମିଡିଆ ସହିତ ଅନ୍ୟ କଳାକାରଙ୍କୁ ମଧ୍ୟ ପସନ୍ଦ ଆସିଥିଲା ।

## ● ଲିଓମି ଆଣ୍ଡରସନ

ବ୍ରିଟିଶ୍ ମଡେଲ ଲିଓମିଙ୍କୁ ରେଡ କାର୍ପେଟରେ ଅଲ ହ୍ୱାଇଟ ଲୁକରେ ଦେଖିବାକୁ ମିଳିଥିଲା । ସେ 'ଡେଭିଡ୍ କୋମା'ଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଏକ ସମ୍ପୂର୍ଣ୍ଣ ଧଳା ରଙ୍ଗର ପୋଷାକ ପିନ୍ଧିଥିଲେ, ଯେଉଁଥିରେ ସିଅର୍ ସ୍କର୍ଟ ଏବଂ ସୁସଜ୍ଜିତ ଗ୍ଲୋଭସ୍ ସାମିଲ ଥିଲା । ଲୁକ ଟି ହଟକେ ହେବା ସହିତ କ୍ଲାସି ଥିଲା ଯାହାକୁ ସେ ଖୁବ ସୁନ୍ଦରଭାବେ କ୍ୟାରୀ କରିଥିଲେ ।

## ● ମୌରା ହିଗିନ୍ସ

ଟିଭି ଷ୍ଟାର୍ ମୌରା ସନ୍ଧ୍ୟାର ସବୁଠାରୁ ବୋଲ୍ଡ ଲୁକ୍ ଆପଣେଇଥିଲେ । ସେ 'ଆଣ୍ଡ୍ରିଆ ବ୍ରୋକା'ଙ୍କ ଦ୍ୱାରା ପ୍ରସ୍ତୁତ ''ବର୍ଣ୍ଟ ରୁବି'' ରଙ୍ଗର ଏକ ସ୍ୟାଟିନ୍ ଗାଉନ୍ ପିନ୍ଧିଥିଲେ, ଯେଉଁଥିରେ କଳା ସ୍ୱାରୋଭସ୍କି କ୍ରିଷ୍ଟାଲ୍ ଏବଂ ୫ ମିଟର ଲମ୍ବର ଏକ ସିଫନ ଟ୍ରେନ୍ ଲାଗିଥିଲା । ଲୁକଟି ଖୁବ ସୁନ୍ଦର ସହ ଗର୍ଜିଅସ ଥିଲା ।



# ମୃଣାଳ

mrinalchatterjeeiimc
@gmail.com

## ଯୁଦ୍ଧ

ଏବେ ସାରା ପୃଥିବୀରେ ଯୁଦ୍ଧ ଯୁଦ୍ଧ ପରିବେଶ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠୁ ଏମିତି ସ୍ଥିତି ଆଉ କେବେ ହୋଇ ନ ଥିଲା। ହଁ, ଯୁଦ୍ଧ ହୋଇଛି, ଦେଶ ଦେଶ ଭିତରେ ଯୁଦ୍ଧ ହୋଇଛି, ଦେଶ ଭିତରେ ଗୃହଯୁଦ୍ଧ ହୋଇଛି, କିନ୍ତୁ ଏମିତି ବ୍ୟାପକ ଭାବରେ ଯୁଦ୍ଧର ସ୍ଥିତି କେବେ ହୋଇ ନ ଥିଲା। ପୃଥିବୀର ସବୁଠାରୁ ଶକ୍ତିଶାଳୀ ଦୁଇ ଦେଶ- ଆମେରିକା ଆଉ ରୁଷିଆ ଭିନ୍ନ ଭିନ୍ନ ଦେଶ ସହିତ ଯୁଦ୍ଧ କରୁଛନ୍ତି। ରୁଷିଆ-ୟୁକ୍ରେନ ଯୁଦ୍ଧ ଫେବୃଆରୀ ୨୦୨୨ରୁ ଚାଲିଛି। ଇସ୍ରାଏଲ-ହମାସ ଯୁଦ୍ଧ ଅକ୍ଟୋବର ୨୦୨୩ରୁ ଚାଲିଛି। ଏବେ ପୁଣି ଆମେରିକା ଆଉ ଇସ୍ରାଏଲ ଇରାନକୁ ଆକ୍ରମଣ କରିଛନ୍ତି। ସେମାନଙ୍କ କ୍ଷେପଣାସ୍ତ୍ର ମାଡ଼ରେ ଇରାନର ସର୍ବୋଚ୍ଚ ନେତା ଆଲି ହୋସେନି ଖୋମେନି ପ୍ରାଣ ହରାଇଛନ୍ତି। ପ୍ରତିଶୋଧ ନେବାକୁ ଇରାନ ପ୍ରତିଆକ୍ରମଣ କରିଛି। ଚୀନ ଇରାନକୁ ସାହାଯ୍ୟ କରିବ ବୋଲି କହିଥିବା ଖବର ଆସିଛି। ଏବର୍ଷ ଜାନୁଆରୀରେ ଆମେରିକା ଭେନେଜୁଏଲାର ରାଷ୍ଟ୍ରପତିଙ୍କୁ ତାଙ୍କ ଦେଶ ଭିତରୁ ବନ୍ଦୀ କରି ନେଇଆସିଲା। ଆଫ୍ରିକାର ବହୁ ଦେଶରେ ଗୃହଯୁଦ୍ଧ ଚାଲିଛି। ପାକିସ୍ତାନ ଆଫଗାନିସ୍ଥାନ ଉପରେ ଆକ୍ରମଣ କରିଛି। ପୃଥିବୀ ପାଇଁ ଏହା ଭଲ ଲକ୍ଷଣ ନୁହେଁ।

## ଅଭ୍ୟର୍ଥନା ତିଳକ

ସେଦିନ ଗୋଟେ ବାହାଘର ଭୋଜିକୁ ଯାଇଥିଲି। ଆଜିକାଲି ବାହାଘର ଭୋଜିରେ ନୂଆ ନୂଆ ଆଇଟମ ସବୁ କରୁଛନ୍ତି। ଏଠି ଦେଖିଲି ଗୋଟେ ଅଲଗା ଆଇସକ୍ରିମ କାଉଣ୍ଟର ହୋଇଛି। ସେଠି ଭାରି ଭିଡ଼। ତରୁଣ ବୟସରେ ମୁଁ ସାମ୍ବାଦିକ ଥିଲି। ଯେଉଁଠି ଭିଡ଼ ସେଠି ପଶିବା ଶିଖିଛି। ତ ସେ ଷ୍ଟଲ ପାଖରେ ଗଲାବେଳକୁ ଦେଖିଲି ସେଠି ଜଣେ ସୁବେଶା ସୁକେଶା ଯୁବତୀ ଠିଆ ହୋଇଛି। ତା' ହାତରେ ଗୋଟେ ଥାଳିଆ। ସେଥିରେ ହଳଦୀ ଚନ୍ଦନ ଚାଉଳ ରହିଛି। ଆଇସକ୍ରିମ କାଉଣ୍ଟର ପାଖକୁ ଆସୁଥିବା ଲୋକଙ୍କ କପାଳରେ ସେ ତିଳକ ଲଗେଇ ଦେଉଛନ୍ତି। ଆଗରୁ କହିଛି, ତରୁଣ ବୟସରେ ମୁଁ ସାମ୍ବାଦିକ ଥିଲି। ପ୍ରଶ୍ନ କରିବା ଅଭ୍ୟାସ ହୋଇଯାଇଛି।


- ପୁଣି ଥରେ ଅଭ୍ୟର୍ଥନା ? ପଶୁ ପଶୁ ପରା ପୁଷ୍ପ-ବର୍ଷ କରି ହେଲା ଅଭ୍ୟର୍ଥନା। ପୁଣି ଥରେ ଏଠି ..ତିଳକ ଲଗେଇ ..। ସେଇଠି ତ ତିଳକ ଲଗେଇଦେଇଥାନ୍ତେ ...। ସୁକେଶା ଯୁବତୀ ମୋତେ ଚାହିଁଲେ, ତା'ପରେ କହିଲେ, ଏ ତିଳକଟା ଅଭ୍ୟର୍ଥନା ନୁହେଁ। ମାର୍କିଙ୍ଗ। - ମାର୍କିଙ୍ଗ ! ମାନେ ?

- କଥା କ'ଣ କି ଲୋକ ପାଞ୍ଚ-ସାତ ଥର ଆସି ଆଇସକ୍ରିମ ଖାଇ ଯାଉଛନ୍ତି। ସେମିତି ଲୋକଙ୍କୁ ମାର୍କ କରିବା ପାଇଁ ଏ ତିଳକ ବ୍ୟବସ୍ଥା।

## ହୋଲି ପରଦିନ


ଏହା ଭିତରେ ହୋଲି ପର୍ବ ପାଳିତ ହୋଇଗଲା। ହୋଲିରେ ରଙ୍ଗ ମଖାମଖି ଚାଲିଥିଲା। ମୁଁ କହିଲି, ଦେଖ କେମିକାଲ ରଙ୍ଗରେ ମୋତେ ଆଲର୍ଜି ହୁଏ। ଅର୍ଗାନିକ ରଙ୍ଗ ଅଛି ଯଦି ମାର। ସାଙ୍ଗମାନେ କହିଲେ, ଇଏ ଆଗମାର୍କ ହର୍ବାଲ ରଙ୍ଗ। ତୋ ସ୍କିନରେ ଆହୁରି ଗ୍ଲୋ ଆସିବ। ମୋ ବୟସ ପଁଅଷଠି। 'ସ୍କିନରେ ଆହୁରି ଗ୍ଲୋ ଆସିବ' କଥା ଶୁଣି ମୁଁ ଖୁସିରେ ମୁହଁ ବଢ଼େଇଦେଲି। ପରଦିନ ଆଇନା ବି ମୋତେ ଚିହ୍ନିବାକୁ ମନା କରିଦେଲା। ମୁହଁ ଖିଙ୍କାରି କହିଲା, କିଏ ବେ ତୁ ?

# ପ୍ରାଚୀନ ଗଛ



ପୂର୍ବତନ ପ୍ରଶାସକ ପ୍ରସନ୍ନ ମିଶ୍ର ତାଙ୍କ ସାମାଜିକ ଗଣମାଧ୍ୟମ ପୃଷ୍ଠାରେ କେଇଥର ଲେଖିଲେଣି: ଭୁବନେଶ୍ୱରରେ ଠିଆ ହେଇ ରହିଥିବା ଶହେବର୍ଷ ବା ଆହୁରି ପୁରୁଣା ବରଗଛଗୁଡ଼ିକ ସଂଖ୍ୟା ଗଣାଯାଉ ଏବଂ ଯତ୍ନ ନିଆଯାଉ। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପ୍ରସ୍ତାବ। କେବଳ ଭୁବନେଶ୍ୱର ନୁହେଁ, କଟକ, ସମ୍ବଲପୁର, ବ୍ରହ୍ମପୁର, ବାଲେଶ୍ୱର ଭଳି ବଡ଼ ସହରରେ ଥିବା ଶତାୟୁ ଗଛଗୁଡ଼ିକର ସଂଖ୍ୟା ଗଣାଯାଉ ଏବଂ ସେ ଗଛଗୁଡ଼ିକୁ ଉପଯୁକ୍ତ ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣର ବ୍ୟବସ୍ଥା କରାଯାଉ। ଭାରତର ଅନେକ ସହରରେ ଏହା କରାଯାଉଛି। ଚେନ୍ନାଇରେ ଶହେବର୍ଷ ପୁରୁଣା ଗଛର କ୍ୟାଟଲଗ୍ ପ୍ରସ୍ତୁତ ହେବା ସମ୍ପର୍କରେ ସେଠାକାର ଆଏଏସ୍ ଅଧିକାରୀ ସୁପ୍ରିୟା ସାହୁ ସୂଚନା ଦେଇଚନ୍ତି। ଏବେ ଓଡ଼ିଶାର କଟକ, ଭୁବନେଶ୍ୱର, ପୁରୀ, ଢେଙ୍କାନାଳ, ଜଗତସିଂହପୁର, ସୁବର୍ଣ୍ଣପୁର ଭଳି କେତେକ ସହରରେ 'ହେରିଟେଜ ୱାକ' ଆରମ୍ଭ କରିଛନ୍ତି ସମ୍ପୃକ୍ତ ସହରର ଉଦ୍ୟମୀ ଲୋକେ। ସେମାନେ 'ହେରିଟେଜ ଟ୍ରି ୱାକ' ମଧ୍ୟ କରିପାରିବେ। ପ୍ରତ୍ୟେକ ଶତାୟୁ ଗଛ ସହିତ ଅନେକ କାହାଣୀ ଯୋଡି ହୋଇ ରହିଛି। ସେ କାହାଣୀକୁ ଏହା ମାଧ୍ୟମରେ ବଞ୍ଚେଇ ରଖିହେବ। ପ୍ରସଙ୍ଗତ କହିଦିଏ, ସମ୍ପ୍ରତି 'ଇନଟାକ' ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଛନ୍ତି- ମହାରାଷ୍ଟ୍ର ଭଳି ଓଡ଼ିଶାରେ ମଧ୍ୟ ପୁରୁଣା ଗଛକୁ 'ଏତିହ୍ୟ' (heritage) ବୋଲି ଘୋଷଣା କରାଯାଉ ଏବଂ ଏହାକୁ ସଂରକ୍ଷିତ ବୋଲି ଘୋଷଣା କରାଯାଉ।

## ବସନ୍ତ ଆସିଗଲାଣି



କୋଟ, ସ୍ୱେଟର, ମଫଲର, ଗ୍ଲୋଭସ - ସବୁ ଆଲମାରୀରେ ପଶିଗଲେଣି। ଗନ୍ଧକର୍ପୁର ବଟିକା ରଖିଦିଆଗଲାଣି। ସବୁ ଚାଦରଟା କିନ୍ତୁ ଏଯାଏଁ ବାହାରେ ରହିଛି। ବସନ୍ତ ଆସିଗଲାଣି। ଆଚ୍ଛା, ବସନ୍ତରେ କ'ଣ କେବଳ ପଳାଶ ଫୁଟେ ! ବସନ୍ତରେ ତ ସଜନା ଫୁଲ ବି ଫୁଟେ, ତା' କଥା ତ କେହି କହନ୍ତି ନି ! **ବ୍ୟଙ୍ଗଚିତ୍ର: ଶୁଭଦୀପ**

## ଭୂମିକମ୍ପ ହେଲେ କ'ଣ କରିବେ?

ଇତିମଧ୍ୟରେ ସିକିମ ଆଉ ପଶ୍ଚିମବଙ୍ଗର କିଛି ଜାଗାରେ ଭୂମିକମ୍ପ ହୋଇଥିଲା। ଭଗବାନ ନ କରନ୍ତୁ ଓଡ଼ିଶାରେ ଯଦି ଭୂମିକମ୍ପ ହୁଏ, ତେବେ ଆପଣ କ'ଣ କରିବେ - ସେ ବିଷୟରେ କିଛି ପରାମର୍ଶ:

ପ୍ରଥମେ ଫେସବୁକ, ହ୍ୱାଟ୍ସଆପରେ ନିଜର ଷ୍ଟାଟସ ଅପଡେଟ କରନ୍ତୁ।

୨. ସମୟ ମିଳିଲେ ତୁରନ୍ତ ଗୋଟେ ରିଲ ତିଆରି କରି ନିଅନ୍ତୁ।

୩. ଯଦି ଆପଣ ସ୍ୱଦେହରେ ଘରୁ ବାହାରି ପାରିଲେ, ତେବେ ଡରିମରି ଧାଉଁଥିବା ଲୋକଙ୍କ ସହିତ ସେଲଫି ନିଅନ୍ତୁ।

୪. ନିଜ ଫଟୋ ଭିଡିଓ ଯେତେ ଅଧିକ ସମ୍ଭବ ଗ୍ରୁପରେ ପୋଷ୍ଟ କରନ୍ତୁ। ମନେ ରଖନ୍ତୁ ଜୀବନରେ ଭୂମିକମ୍ପ ବାର ବାର ଆସିବ ନାହିଁ। ଏହାକୁ ସ୍ମରଣୀୟ କରି ରଖନ୍ତୁ। **-(ସୌଜନ୍ୟ: ସାମାଜିକ ଗଣମାଧ୍ୟମ)**

# କୁକୁର କୁଳର ସମସ୍ୟା



ଭରତପୁରର କୁକୁର ସମାଜର ବୟଃପ୍ରାପ୍ତ ପୁରୁଷ କୁକୁରମାନେ ଏବେ ବଡ଼ ସମସ୍ୟାରେ ପଡ଼ିଛନ୍ତି। ତାଙ୍କ ଏରିଆର ତମାମ ବୟଃପ୍ରାପ୍ତ କୁକୁରୀମାନେ ସେମାନଙ୍କୁ ଆଉ ବାସି ମୁହଁରେ ପଚାରୁନାହାନ୍ତି। ସେମାନେ ସମସ୍ତେ ଏବେ ରୋବୋ-କୁକୁରର ଫ୍ୟାନ। ଯେବେଠୁଁ ଗାଲ୍ଗୋଟିଆ ବିଶ୍ୱବିଦ୍ୟାଳୟବାଲା ଏଆଇ ସମିଟରେ ଗୋଟେ ଚୀନ ତିଆରି ରୋବୋ-କୁକୁରକୁ ସେମାନଙ୍କର ବୋଲି କହିଲେ ଆଉ ସେକଥା ଖୁବ ଭାଇରାଲ ହୋଇଗଲା, ସେବେଠୁ ଏ ସମସ୍ୟା। ବୁଦ୍ଧିଶୁଦ୍ଧି ଥିବା କୁକୁରମାନେ କୁକୁରୀମାନଙ୍କୁ ବୁଝେଇ ବୁଝେଇ ଥକିଗଲେ ଯେ ଆରେ ସେଟା ଅରିଜିନାଲ କୁକୁର ନୁହେଁ, ସେଟା ରୋବଟ। ସେ ପୁଣି ଚୀନ ତିଆରି। କୁକୁରୀମାନେ ମୁହଁ ମୋଡ଼ି କହିଲେ, ଚୀନ ହେଉ କି ଯାହା ହେଉ- ତା'ର ପପୁଲାରିଟି ଦେଖ। ଦେଶର ମନ୍ତ୍ରୀ ସୁଦ୍ଧା ତା' ଫଟୋ ଟୁଇଟ କରୁଛନ୍ତି। ଯେଉଁଠି ଦେଖିବ ତା ଫଟୋ। ତମକୁ ପଚାରେ କିଏ ବେ !

- ଆବେ, ସେ ରୋବଟ। ତା'ର ଭାବ ପୀରତି କିଛି ନାହିଁ। ମୁଣ୍ଡ ଲାଞ୍ଜ ହଲେଇବ, ଭୌ ଭୌ ହେବ- ବାସ - ଆଉ କିଛି କରି ପାରିବନି।

- ଭାବପୀରତି ନେଇ କ'ଣ ଆଚାର କରିବୁ ! ଥରେ ଭାଇରାଲ ହୋଇଗଲେ ବହୁତ ଭାବପୀରତି ଆପେ ଆପେ ହୋଇଯିବ !

ପୁରୁଷ କୁକୁରମାନେ ଏବେ ବଡ଼ ସମସ୍ୟାରେ ପଡ଼ିଛନ୍ତି। କରିବେ କ'ଣ !

# ଝିଅଙ୍କ ଜୀବନ ସଂଘର୍ଷମୟ



ଅଭିନେତ୍ରୀ ଆୟଶା ଖାନ୍ ନିକଟରେ ନିଜ ସହିତ ଘଟୁଥିବା ଅନଲାଇନ୍ ନିର୍ଯାତନା ଏବଂ ମାନସିକ ଯନ୍ତ୍ରଣା ବିଷୟରେ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ସୋସିଆଲ ମିଡିଆରେ ତାଙ୍କ ଶରୀରକୁ ନେଇ ଅଶ୍ଳୀଳ ମନ୍ତବ୍ୟ ଦିଆଯିବା ସହ ପ୍ରାୟ ପ୍ରତିଦିନ ତାଙ୍କୁ ଦୁଷ୍କର୍ମର ଧମକ ମଧ ମିଳୁଥିବା ଖୁବ ଦୁଃଖର ସହିତ ପ୍ରକାଶ କରିଛନ୍ତି । ଫିଲ୍ମ 'ଧୁରନ୍ଧର'ର ଏକ ଗୀତ ସୁଟିଂ ସମୟରେ ତାଙ୍କର ରକ୍ତସ୍ରାବ ହୋଇଥିଲା । ଏ ବିଷୟରେ ସେ ଅନଲାଇନରେ ସୂଚନା ଦେବା ପରେ ଲୋକମାନେ ତାଙ୍କୁ ପ୍ରବଳ ଟ୍ରୋଲ୍ କରିଥିଲେ, ଯାହା ତାଙ୍କୁ ଖୁବ କଷ୍ଟ ଦେଇଛି ବୋଲି ଆୟଶା ପ୍ରକାଶ କରିଛନ୍ତି । ଆୟଶାଙ୍କ କହିବା ଅନୁଯାୟୀ, ସେ କୌଣସି ବି ପୋଷାକ ପିନ୍ଧିଲେ ଲୋକଙ୍କର ସମସ୍ୟା ରହୁଛି ଏବଂ କିଛି ବି ପୋଷ୍ଟ କରିବା ପୂର୍ବରୁ ତାଙ୍କୁ ଶହେଥର ଭାବିବାକୁ ପଡୁଛି, ଯାହା ଜଣେ ମହିଳାଙ୍କ ପାଇଁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ସ୍ଥିତି । କେବଳ ଅନଲାଇନ ଧମକ ନୁହେଁ, ସେ ନିଜ ଜୀବନର ଏକ ବ୍ୟକ୍ତିଗତ ଜୀବନରେ ମଧ ଅନେକ ନିର୍ଯ୍ୟାତନା ସହିଥିବା ନେଇ ପ୍ରକାଶ କରିଛନ୍ତି । ଏପରିକି ତାଙ୍କୁ ସେଟରେ ମଧ ଅଶ୍ଳୀଳ କମେଣ୍ଟ ମିଳିଥିବାନେଇ ଆୟେଶା ଏଥିରେ ମତ ଦେଇଛନ୍ତି । ତେଣୁ ଜଣେ ଝିଅକୁ ଅନେକ ପ୍ରକାର କଷ୍ଟ ଓ ଯନ୍ତ୍ରଣା ଦେଇ ଗତି କରିବାକୁ ପଡିଥାଏ ବୋଲି ସେ ପ୍ରକାଶ କରିଛନ୍ତି । ବିଗ୍ ବସ୍-୧୭ ଜରିଆରେ ଲୋକପ୍ରିୟତା ପାଇଥିବା ଆୟଶାଙ୍କର ଏହି ସାକ୍ଷାତକାର ବର୍ତ୍ତମାନ ଖୁବ ଭାଇରାଲ ହେଉଥିବା ଦେଖିବାକୁ ମିଳୁଛି ।

# ବ୍ୟସ୍ତ ଅଛନ୍ତି ଟାଇଗର



ଆକ୍ସନ୍ ଷ୍ଟାର୍ ଟାଇଗର ଶ୍ରଫ୍ ନିକଟରେ ନିଜ ଜନ୍ମଦିନ ଅବସରରେ ପ୍ରଶଂସକଙ୍କୁ ଏକ ବଡ଼ ଉପହାର ଦେଇ ନିଜର ଆଗାମୀ ଚଳଚ୍ଚିତ୍ର 'ବଜ୍ର'ର ଘୋଷଣା କରିଛନ୍ତି । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି ରାମ ମାଧବାନୀ ଏବଂ ପ୍ରଯୋଜନା ଦେଉଛନ୍ତି ମହାବୀର ଜୈନ । ୨୦୨୭ ମସିହାର ସବୁଠାରୁ ବଡ଼ ଆକ୍ସନ୍ ଫିଲ୍ମ ଭାବେ ଫିଲ୍ମଟି ପରିଗଣିତ ହେବ ବୋଲି ମେକର୍ସ ଆଶା ରଖିଛନ୍ତି । ଏହାର ସୁଟିଂ ଆସନ୍ତା ଏପ୍ରିଲ ମାସରୁ ଆରମ୍ଭ ହେବାର ଯୋଜନା ରହିଛି, ଯାହାର ଏକ ବଡ଼ ଅଂଶ ଜାପାନରେ ସୁଟିଂ ହେବାନେଇ ସୂଚନା ରହିଛି । ଫିଲ୍ମପାଇଁ ଟାଇଗର ଜାପାନରେ ସ୍ୱତନ୍ତ୍ର ମାର୍ଶାଲ୍ ଆର୍ଟ ପ୍ରଶିକ୍ଷଣ ମଧ ଗ୍ରହଣ କରିବେବୋଲି ଜଣା ପଡିଛି । ସେହିଭଳି ଆଗକୁ ତାଙ୍କୁ ବାଗୀ ୫ରେ ମଧ ଦେଖିବାକୁ ମିଳିବ । ଏହା ସହିତ ଟାଇଗର ୨୦୨୭ରେ ନିଜର ଓଟିଟି ଡେବ୍ୟୁ କରିବାକୁ ମଧ ଯାଉଛନ୍ତି, ଯେଉଁଥିରେ ସେ ଏକ ଆକ୍ସନ୍ ସିରିଜ୍‌ରେ ନଜର ଆସିବେ ।

# ଫେରିଯିବେ ନିଜ ଦେଶ



ଇରାନୀ ଅଭିନେତ୍ରୀ ମନ୍ଦାନା କରିମୀ ଭାରତ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହାକୁ ନେଇ ବର୍ତ୍ତମାନ ଅନେକ ଆଲୋଚନା ଜାରି ରହିଛି । ଦୀର୍ଘ ୨୫ ବର୍ଷ ଧରି ଭାରତରେ କାମ କରିବା ପରେ ମନ୍ଦାନା ଅଭିଯୋଗ କରିଛନ୍ତି ଯେ ଭାରତରେ ତାଙ୍କୁ କାମ ମିଳୁନି । ସୂଚନା ଅନୁସାରେ ଯୁଦ୍ଧରେ ଇରାନର ସୁପ୍ରିମ ଲିଡର ଖାମେନେଇଙ୍କ ମୃତ୍ୟୁ ପରେ ମନ୍ଦାନା ସୋସିଆଲ ମିଡିଆରେ ଖୁସି ବ୍ୟକ୍ତ କରିବା ସହ ଇରାନ ଶାସନକୁ କଡ଼ା ସମାଲୋଚନା କରିଥିଲେ । ତେବେ ଏହାପରେ ତାଙ୍କୁ ଭାରତରେ କାମ ମିଳିବା ବନ୍ଦ ହୋଇଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ଏପରିକି ପୁରୁଣା କଣ୍ଟ୍ରାକ୍ଟ ମଧ ସବୁ ବାତିଲ ହୋଇଛି ବୋଲି ସେ ସୂଚା ଦେଇଛନ୍ତି । ମଡେଲିଂରୁ କ୍ୟାରିୟର ଆରମ୍ଭ କରି 'ବିଗ୍ ବସ୍ ୯' ଓ 'କ୍ୟା କୁଲ୍ ହେଁ ହମ୍ ୩' ଭଳି ଫିଲ୍ମ ଜରିଆରେ ପରିଚୟ ପାଇଥିବା ମନ୍ଦାନା ଏବେ ନିଜ ଦେଶକୁ ଫେରିଯିବାକୁ ଅପେକ୍ଷା କରିଥିବା ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।



# ଫ୍ରେସ ଚେହେରା ଦେବ ମାଇଲେଜ



ଇମତିଆଜ୍ ଅଲୀ ଏବଂ ଏକତା କପୁରଙ୍କ ଆଗାମୀ ପ୍ରେମ କାହାଣୀ 'ହୀର ରାଞ୍ଝା'କୁ ନେଇ ଏବେ ସିନେ ଜଗତରେ ଚର୍ଚ୍ଚା ଜୋର ଧରିଛି । ଏଥିରେ 'ଧୁରନ୍ଧର' ଫେମ୍ ଅଭିନେତ୍ରୀ ସାରା ଅର୍ଜୁନ 'ହୀର' ଭୂମିକାରେ ନଜର ଆସିପାରନ୍ତି ବୋଲି ଶୁଣାଯାଉଛି । ୨୦୨୬ ଫେବୃଆରୀ ୧୪, ଭାଲେଣ୍ଟାଇନ୍ସ ଡେ' ଅବସରରେ ଘୋଷଣା କରାଯାଇଥିବା ଏହି ଚଳଚ୍ଚିତ୍ରଟି ପଞ୍ଜାବୀ ଲୋକକଥାର ଏକ ଆଧୁନିକ ରୂପାନ୍ତର ହେବ । ରଣବୀର ସିଂଙ୍କ ବିପକ୍ଷରେ 'ଧୁରନ୍ଧର' ଚଳଚ୍ଚିତ୍ରରେ ନିଜର ଚମତ୍କାର ଅଭିନୟ ପାଇଁ ପ୍ରଶଂସା ସାଉଁଟିଥିବା ସାରା ଅର୍ଜୁନ ଏହି ମୁଖ୍ୟ ଭୂମିକା ପାଇଁ ସବୁଠାରୁ ଆଗରେ ଅଛନ୍ତି । ନିର୍ମାତାମାନେ ଏହି କ୍ଲାସିକ୍ ପ୍ରେମ କାହାଣୀ ପାଇଁ ଏକ ଫ୍ରେସ ଚେହେରା ଖୋଜୁଥିବା ବେଳେ ସାରାଙ୍କ ନାମ ଫାଇନାଲ ବୋଲି ଚର୍ଚ୍ଚା ହେଉଛି । ତାଙ୍କ ବିପକ୍ଷରେ ଅଭିନେତା ରୋହିତ ସରାଫ୍‌ଙ୍କୁ ଦେଖିବାକୁ ମିଳିପାରେ । ଏହି ଦୁଇ ଫ୍ରେସ ଯୋଡି ଦର୍ଶକଙ୍କ ମନକିଣିବାରେ ସଫଳ ହେବେବୋଲି ମେକର୍ସ ଆଶା ରଖିଛନ୍ତି । 'ହୀର ରାଞ୍ଝା'ର ସୁଟିଂ କିଛିଦିନ ମଧ୍ୟରେ ଆରମ୍ଭ ହେବାର ସମ୍ଭାବନା ରହିଥିବା ବେଳେ ଏହି ନୂଆ ଯୋଡ଼ିକୁ ବଡ଼ ପରଦାରେ ଦେଖିବା ପାଇଁ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି ।

# ଟ୍ରୋଲରଙ୍କୁ କଡ଼ା ଜବାବ

ବଲିଉଡର ଅଭିନେତ୍ରୀ ଜାହ୍ନବୀ କପୁର ନିଜ ଭାଇ ଅର୍ଜୁନ କପୁରଙ୍କ ବିରୋଧରେ ହେଉଥିବା କ୍ରମାଗତ ଟ୍ରୋଲିଂ ସମ୍ପର୍କରେ ନିଜ ମତ ରଖିଛନ୍ତି । ଯାହା ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି । ଏକ ସାକ୍ଷାତକାର ସମୟରେ ଜାହ୍ନବୀ ଅତି ସ୍ପଷ୍ଟ ଭାବେ କହିଛନ୍ତି ଯେ, କାହାକୁ ବି ଲକ୍ଷ୍ୟ କରି ବ୍ୟକ୍ତିଗତ ଭାବେ ଟ୍ରୋଲ୍ କରିବା ସମ୍ପୂର୍ଣ୍ଣ ଭୁଲ୍ ଏବଂ ଏହି ଘୃଣା ମନୋଭାବ ପାଇଁ କୌଣସି ବାହାନା ଗ୍ରହଣୀୟ ନୁହେଁ । ଜାହ୍ନବୀଙ୍କ ଅଭିଯୋଗ ଅନୁସାରେ କିଛି ସୋସିଆଲ ମିଡିଆ ପେଜ୍ କେବଳ ଭ୍ୟୁଜ୍ ଏବଂ ଏନଗେଜମେଣ୍ଟ ବୃଦ୍ଧି କରିବା ପାଇଁ ଅର୍ଜୁନ କପୁରଙ୍କ ନାମକୁ 'କ୍ଲିକବେଟ୍' ଓ 'ରେଜ୍-ବେଟ୍' ଭାବେ ବ୍ୟବହାର କରୁଛନ୍ତି । ଏହି ସବୁ ରିପୋର୍ଟରେ ସତ୍ୟତା ଅପେକ୍ଷା କିଭଳି ହେଡଲାଇନ୍ ମାଧ୍ୟମରେ ଭ୍ୟୁଜ ବଢାଯାଇପାରିବ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଛି । ଜାହ୍ନବୀ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଜଣେ କଳାକାର ମଧ ଜଣେ ମଣିଷ ଏବଂ ତାଙ୍କର ମଧ ସମ୍ମାନ ଓ ସମ୍ବେଦନଶୀଳତାର ଆବାସ୍ୟକତା ରହିଛି । ତେଣୁ ସେ ଏହି ଟ୍ରୋଲିଂର ଖୁବ ନିନ୍ଦା କରୁଥିବା ଦେଖିବାକୁ ମିଳିଛି । ଅନେକ ସମୟରେ ଅର୍ଜୁନ ନିଜର ପର୍ସନାଲ ଓ ପ୍ରଫେସନାଲ ଉଭୟ ଲାଇଫକୁ ନେଇ ଟ୍ରୋଲିଂର ଶିକାର ହୋଇଥାଆନ୍ତି ।



## ଛୋଟ ପିଲା ମୁଁ

ଦୁଃଖୀ ଯଦିବା କରିବ ପ୍ରଭୁ
ଓଠେ ମୋ ଦେବ ହସ,
ଛନ୍ଦ କପଟ ଅହଂ ବିଦ୍ୱେଷ
ଅନ୍ତରୁ କରି ନାଶ ॥
ବିପଦେ ମୋତେ ପକାଇବ ତ
ନାହିଁ ମୋ ମନେ ଖେଦ,
ପରର ହିତ ହେଉ ମୋ ବ୍ରତ
ନଭାଙ୍ଗୁ ଧୈର୍ଯ୍ୟ ବନ୍ଧ ॥
ଅଜଣା ପଥେ ଚଲାଇବ ତ
ମନେ ଦେବ ସାହସ,
ଯାତନା ଯଦି ମୋ ପାଇଁ ରଖ
ନତୁଟୁ ମୋ ବିଶ୍ୱାସ ॥
ସବୁରି ସାଥେ ସମ ଭାବନା
ରଖିବା ଭଲ ଭାବେ,
କାହା ମନକୁ ବାଧିଲା ଭଳି
କଥା ନ କହେ କେବେ ॥
ଅଭାବେ ଯଦି ରଖିବ ରଖ
ମନେ ନଦିଅ ହିଂସା,
କାହାର ଧନ ସଂପତ୍ତି ଦେଖି
ନକରେ କେବେ ଈର୍ଷା ॥
ସତପଥରେ ଚାଲିବା ପାଇଁ
ଦିଅ ମୋ ମନେ ଶକ୍ତି,
ସୁଗୁଣ ଯେତେ ଶିଖିବା ପାଇଁ
ରଖ ମୋହର ମତି ॥
ଛୋଟ ପିଲା ମୁଁ ମନରେ ଆସେ
ଏମିତି କଥା କେତେ
ଗୁହାରି ଶୁଣ ହେ ଭଗବାନ
ସୁପଥେ ନିଅ ମୋତେ ॥

**ରତ୍ନକାନ୍ତି ମିଶ୍ର**
ଆଳି, କେନ୍ଦ୍ରାପଡ଼ା
ମୋ: ୮୨୪୯୭୯୯୯୬୧

## ଚାଲୁନ ଖେଳିବା ହୋଲି

ଚାଲୁନ ଖେଳବା ହୋଲି
ରଙ୍ଗର ପସରା ମେଲି ॥
ରାଗ ରୁଷା ସବୁ ଛାଡି
ହୋଲି ଖେଳିବା ହୋଇଣ ଯୋଡ଼ି ॥
ରାଧାମୋହନଙ୍କୁ ପାଛୋଟି ନେବା
ଜୈବିକ ରଙ୍ଗରେ ହୋଲି ଖେଳିବା ॥
ମନର ମଇଳା ଛଡେଇ ଦେବା
ଦୟା, କ୍ଷମା ସବୁ ଆପଣେଇବା ॥
ସାଙ୍ଗସାଥି ହୋଇ ଖୁସି ବାଣ୍ଟିବା
ପଶୁପକ୍ଷୀ ଦେହେ ରଙ୍ଗ ନ ଢ଼ାଳିବା ॥
ପରିବେଶ କଥା ଚିନ୍ତା କରିବା
ସବୁ କଥା ମାନି ହୋଲି ଖେଳିବା ॥
ଅସହାୟଙ୍କ ମୁହଁରେ ଫୁଟାଇ ହସ
ସାଙ୍ଗ ହୋଇ ହୋଲି ଖେଳିବା ଆସ ॥
ମୋବାଇଲରେ ମେସେଜ୍ ନ ପଠାଇ
ଦେଖା ହୋଇ ରଙ୍ଗ ବୋଳିବା ଭାଇ ॥
ଜେଜେ ଜେଜେମାଙ୍କୁ ସାଙ୍ଗରେ ଧରି
ଚାଲ ହୋଲି ଖେଳିବା ନ କରି ଡେରି ॥

**ପ୍ରାର୍ଥନା ଦାସ୍**
ଯାଜପୁର



## ଋତୁରାଜ ବସନ୍ତ

ଋତୁରାଜ ବସନ୍ତର ଆଗମନ
ଶୁଣ କୋଇଲିର କୁହୁ କୁହୁ ତାନ
କିଣି ନିଏ ସଭିଙ୍କ ହୃଦୟ ମନ
ଋତୁ ରାଜ କରିଛନ୍ତି ବିରାଜମାନ ॥
ପ୍ରକୃତି ରାଣୀ ଲାଜେଇ ହୁଏ
ପ୍ରେମ ସୁଗନ୍ଧର ବାସ୍ନା ବଢ଼ାଏ
ଆହା କରେ ଯେ ବିମୋହିତ
ଧନ୍ୟ ହୁଏ ରୂପ ଦେଖି ନେତ ॥
କଅଁଳିଆ ପତ୍ର ହୁଏ ଜାତ
ପକ୍ଷୀଙ୍କ କେଡ଼େ ସୁନ୍ଦର ଗୀତ
ସାର୍ଥକ ହୁଏ ସ୍ୱର ଶୁଣି କର୍ଣ୍ଣ
ନାଚି ଉଠେ ଏଇ ମୋ ମନ ॥
ରଙ୍ଗ ବେରଙ୍ଗେ ସଜେଇ ହୁଏ
ଲୋକଙ୍କୁ ପ୍ରେମେ ହଜେଇ ଦିଏ
ଏହା ଋତୁ ରାଜଙ୍କ ଆଗମନ
ଖୁସିରେ ବିତେ ଏଇ ଦିନ ମାନ ॥

**ସଞ୍ଜୟ ନାଏକ**
ରଏନଗୁଡା, କୋକସରା, କଳାହାଣ୍ଡି
ମୋ: ୮୨୬୦୪୩୮୨୭୩

## ବିଜ୍ଞାନ

ବିଜ୍ଞାନ ପାଇଁ ଅଜ୍ଞାନ ରାତି
ଯାଇଛି ସିନା ପାହି
କେଉଁ ଯୁଗର ଅନ୍ଧ ବିଶ୍ୱାସ
ମନରେ କା'ର ନାହିଁ ॥
ଇଣ୍ଟରନେଟ ସାହାଯ୍ୟ ନେଇ
ଅଜଣା କଥା ଜଣା
ଜଳ ସ୍ଥଳ ବା ଆକାଶ ପଥେ
କେହି ନହୁଏ ବଣା ॥
ମଣିଷ ଆଜି ଯୋଜନ ବାଟ
ସହଜେ ଅତିକ୍ରମେ
ଚନ୍ଦ୍ରପୃଷ୍ଠରେ ମହାଶୂନ୍ୟରେ
କେବେ ସେ ପୁଣି ଭ୍ରମେ ॥
ଦୂରେ ଥାଇ ବି ମନୁଷ୍ୟ ଆଜି
ବାଣିଜ୍ୟ ପଥ ଗଢ଼େ
ଆପଣା ଲୋକ ସାଥେ ସହଜେ
ଭାବ ସମ୍ପର୍କ ଯୋଡ଼େ ॥
ଘରେ ହେଉ ବା କାରଖାନାରେ
ଦିଶଇ କେତେ ଯନ୍ତ୍ର
ଭାରୀ କାମ ଯେ କରେ ସହଜେ
ସତେ ଜାଣିଛି ମନ୍ତ୍ର ॥
ନାହିଁ ବି ଆଉ ହଇଜା ପରି
ବିଷମ ମହାମାରୀ
ଔଷଧ ପରା ରୋଗ ବିନାଶେ
ହୁଏ ମଙ୍ଗଳକାରୀ ॥
ଦେଶର ରକ୍ଷା କୃଷି ସ୍ୱାସ୍ଥ୍ୟ ବା
ହେଉ ମନୋରଞ୍ଜନ
ପ୍ରତି କ୍ଷେତ୍ରରେ ଆଜି ନିହିତ
ବିଜ୍ଞାନ ଅବଦାନ ॥
ଦେଶ ପ୍ରଗତି ପାଇଁ ଜରୁରୀ
ବିଜ୍ଞାନ ଉପଯୋଗ
ତା'ପାଇଁ ସତେ ସଂସାରେ ଦୃଶ୍ୟ
ଖୁସି ଉଲ୍ଲାସ ରଙ୍ଗ ॥

**ସୁଦର୍ଶନ ମହାପାତ୍ର**
କୁଞ୍ଜବିହାରୀ ଲେନ, କଟକ
ମୋ: ୯୪୩୮୧୭୫୫୪୨

## ମମତାମନ୍ଦିର ଏଇତ ଦୁନିଆ

ମମତା ରାତିର ଜହ୍ନର ଜୋଛନା
ସାଗରର ନୀଳ ଢେଉ
ମମତା ମେଘର ବିଜୁଳି ଝଲକ
ତାଠୁ ବଳି ନାହିଁ ଆଉ ॥
ମମତା ହସାଏ ମାଟିକଣ୍ଢେଇକୁ
ନାଚି ନାଚି ବାଣ୍ଟେ ହସ
ମମତାରେ ଗଢା ସୁଖୀ ପରିବାର
ଅରଜି ପାରଇ ଯଶ ॥
ମମତା ଗଛର ସଜଫୁଟା ଫୁଲ
ତା'ମନେ ନଥାଏ ଦୁଃଖ
ବିଭୁଙ୍କ ଗଳାରେ ମାଳହେଇ ଝୁଲି
ମାଗେ ଦୁନିଆର ସୁଖ ॥
ମମତା ମନ୍ଦିର ସ୍ମୃତିର ଫରୁଆ
ଭୁଲିହୁଏ ନାହିଁ ଜମା
ସ୍ମୃତିକୁ ସାଇତି ଚାଲିଲେ ପଥରେ
ହଟିଯାଏ ରାତି ଅମା ॥
ମମତାତ ସାଜେ ଶୀତରାତି ହେଲେ
ବହଳ ଶିଶିର ବିନ୍ଦୁ
ମାଆ ପାଖେ ଥାଏ ସେନେହ ସରାଗ
ମମତାର ସାତସିନ୍ଧୁ ॥
ଏଇତ ଦୁନିଆ ମମତା ମନ୍ଦିର
ମମତାର ଖେଳଘର
ମମତା ବଳରେ କରିଯିବା କାମ
ନରଖି ମନରେ ଡର ॥

**ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦





ଆମ ସହ ଯୋଡ଼ିହେବାକୁ ଚାହୁଁଥିଲେ ନିଜ ସୁଚିନ୍ତିତ ମତାମତ ଓ ଶିଶୁ ସମ୍ବଳିତ କବିତା କିମ୍ବା ଗଳ୍ପ ଏହି ଇ-ମେଲ୍ ଆଇଡି 2022taranga@gmail.comରେ ପଠାଇବାକୁ ଅନୁରୋଧ ।
-'ସମୟ ତରଙ୍ଗ' ପରିବାର





# ଆତ୍ମହତ୍ୟା ନା ପ୍ରରୋଚନା

ଟେଲିଭିଜନ ଜଗତର ସବୁଠାରୁ ଲୋକପ୍ରିୟ ଚେହେରା 'ଆନନ୍ଦୀ' ଓରଫ୍ ପ୍ରତ୍ୟୁଷା ବାନାର୍ଜୀଙ୍କ ମୃତ୍ୟୁକୁ ୯ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବି ସେହି ପ୍ରଶ୍ନ ଘେରରେ ରହିଛି । ସେଦିନ ପ୍ରକୃତରେ କଣ ଘଟିଥିଲା? ୧ ଏପ୍ରିଲ ୨୦୧୬ରେ ଗୋରେଗାଁଓସ୍ଥିତ ନିଜ ଫ୍ଲାଟରେ ପ୍ରତ୍ୟୁଷାଙ୍କ ଝୁଲନ୍ତା ଦେହ ମିଳିବା ପରେ ସାରା ଦେଶ ସ୍ତବ୍ଧ ହୋଇଯାଇଥିଲା । ପ୍ରେମ, ପ୍ରତାରଣା ଏବଂ ନିଶା ମଧ୍ୟରେ ଫସି ରହିଥିବା ଏହି ମାମଲାର ଦିଗ ଏକ ଅଡିଓ ରେକର୍ଡିଂ ପରେ ସମ୍ପୂର୍ଣ୍ଣ ବଦଳି ଯାଇଥିଲା ।

## ଶେଷ ୫ ମିନିଟର କଲ୍ ରେକର୍ଡିଂ

ମୃତ୍ୟୁର କିଛି ସମୟ ପୂର୍ବରୁ ପ୍ରତ୍ୟୁଷା ଏବଂ ତାଙ୍କ ବୟଫ୍ରେଣ୍ଡ ରାହୁଲ ରାଜ ସିଂଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା ଏହି କେସର ସବୁଠାରୁ ବଡ଼ ପ୍ରମାଣ ଭାବେ ଉଭା ହୋଇଥିଲା । ପ୍ରତ୍ୟୁଷା ଅତ୍ୟଧିକ ନିଶାଗ୍ରସ୍ତ ଥିବା ବେଳେ କାନ୍ଦି କାନ୍ଦି କହିଥିଲେ, "ତୁମେ ତୁମର ଅହଂକାର ନିଜ ପାଖରେ ରଖ, କାରଣ କିଛି ସମୟ ପରେ ଏହା ଦେଖିବା ପାଇଁ କେହି ବଞ୍ଚି ନଥିବେ ।" ସେହି କଥାବାର୍ତ୍ତାରେ ପ୍ରତ୍ୟୁଷା ନିଜ ପରିବାର ପ୍ରତି ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ରାହୁଲଙ୍କ ସହ ତାଙ୍କର ଝଗଡ଼ା ଚରମ ସୀମାରେ ପହଞ୍ଚିଥିଲା ।

## ଅଭିଯୋଗ ବନାମ ସଫେଇ

ପ୍ରତ୍ୟୁଷାଙ୍କ ପିତାମାତା ରାହୁଲଙ୍କ ବିରୋଧରେ ଆତ୍ମହତ୍ୟା ପାଇଁ ଉସୁକାଇବା ଏବଂ ମାରପିଟ୍ କରିବା ଅଭିଯୋଗ ଆଣିଥିଲେ । ଅନ୍ୟପଟେ, ରାହୁଲଙ୍କ କହିବା କଥା ଯେ ପ୍ରତ୍ୟୁଷା ଆର୍ଥିକ ଅଭାବ ଏବଂ ନିଜ ପରିବାର ସହ ଖରାପ ସମ୍ପର୍କ ଯୋଗୁଁ ଡିପ୍ରେସନରେ ଥିଲେ । ପୋଷ୍ଟମର୍ଟମ ରିପୋର୍ଟ ଅନୁସାରେ ପ୍ରତ୍ୟୁଷାଙ୍କ ଶରୀରରେ ୧୦୦ ମିଲିଲିଟର ମଦ ମିଳିଥିଲା ଏବଂ ସେ ମୃତ୍ୟୁର କିଛି ଦିନ ପୂର୍ବରୁ ଗର୍ଭପାତ ମଧ୍ୟ କରାଇଥିଲେ ।

## ସନ୍ଦେହ ଘେରରେ ଘଟଣାସ୍ଥଳ

ପ୍ରତ୍ୟୁଷାଙ୍କ ବନ୍ଧୁ ବିକାଶ ଗୁପ୍ତା ଏବଂ କାମ୍ୟା ପଞ୍ଜାବୀ ରାହୁଲଙ୍କୁ ଦାୟୀ କରିବା ସହ ତାଙ୍କ ଶରୀରରେ ଥିବା ଆଘାତ ଚିହ୍ନ ଉପରେ ପ୍ରଶ୍ନ ଉଠାଇଥିଲେ । ସେମାନଙ୍କ ଅଭିଯୋଗ ଥିଲା ଯେ ରାହୁଲଙ୍କ ପୂର୍ବତନ ପ୍ରେମିକା ସଲୋନୀ ଶର୍ମା ମଧ୍ୟ ପ୍ରତ୍ୟୁଷାଙ୍କୁ ନିର୍ଯାତନା ଦେଉଥିଲେ । ହେଲେ ପୋଲିସ ତଦନ୍ତରେ ରାହୁଲଙ୍କୁ ଏହି ଅଡିଓ ରେକର୍ଡିଂ ଆଧାରରେ ଜାମିନ ମିଳିଥିଲା । ସରକାରୀ ଓକିଲଙ୍କ କହିବା ଅନୁଯାୟୀ, ତଦନ୍ତରେ ଅନେକ ତ୍ରୁଟି ରହିଥିଲା, ଯେମିତିକି ଘରର ଚାବି ବାଲା ଏବଂ ପଡ଼ୋଶୀ ଚାକରର ବୟାନକୁ ଅଧିକ ଗୁରୁତ୍ୱ ଦିଆଯାଇ ନଥିଲା ।

## ବନ୍ଧୁଙ୍କୁ ମାଗିଥିଲେ ସାହାଯ୍ୟ

ପ୍ରତ୍ୟୁଷାଙ୍କ ନିକଟତମ ବାନ୍ଧବୀ ଏବଂ ରାହୁଲ ରାଜଙ୍କ ଧର୍ମଭଉଣୀ ଲିନା



ଦିଆସ ପୋଲିସ ବୟାନରେ କହିଥିଲେ ଯେ, ମୃତ୍ୟୁର କିଛି ଘଣ୍ଟା ପୂର୍ବରୁ ଅର୍ଥାତ୍ ଅଧରାତି ପ୍ରାୟ ୩ଟା ସମୟରେ ପ୍ରତ୍ୟୁଷା ତାଙ୍କୁ କାନ୍ଦି କାନ୍ଦି ଫୋନ୍ କରିଥିଲେ । ସେ କହିଥିଲେ ଯେ ସବୁକିଛି ଭୁଲ୍ ହେଉଛି ଏବଂ ସେ ସବୁ କିଛି ଠିକ୍ କରିବାକୁ ଚାହୁଁଛନ୍ତି । ସେ ଲିନାଙ୍କୁ ସୂଚନା ଦେଇଥିଲେ ରାହୁଲଙ୍କ ଅନୁପସ୍ଥିତିରେ ସଲୋନୀ ତାଙ୍କୁ ଅତ୍ୟାଚାର କରୁଛନ୍ତି । ଲିନା ତାଙ୍କୁ ପରଦିନ ସକାଳେ ତାଙ୍କୁ ଭେଟିବେ ଏବଂ ଏ ବିଷୟରେ ଆଲୋଚନା କରିବେ ବୋଲି ବୁଝାଇଥିଲେ । ପରଦିନ ସକାଳେ ସେ ପ୍ରତ୍ୟୁଷାଙ୍କୁ ଫୋନ୍ କରିଥିଲେ । ଏହି ସମୟରେ ରାହୁଲ ରାଜ ଫୋନ୍ ଉଠାଇଥିଲେ ଏବଂ କହିଥିଲେ ଯେ ତାଙ୍କୁ ଆସିବାର କୌଣସି ଆବଶ୍ୟକତା ନାହିଁ । ଏହାପରେ ସେ ପ୍ରତ୍ୟୁଷାଙ୍କୁ ଆଉ ଭେଟି ପାରିନଥିଲେ ଏବଂ କିଛି ସମୟ ପରେ ତାଙ୍କୁ ପ୍ରତ୍ୟୁଷାଙ୍କ ମୃତ୍ୟୁ ଖବର

**ଟେଲିଦୁନିଆର ଚର୍ଚ୍ଚିତ ଧାରାବାହିକ ବାଲିକା ବଧୂ ଏବଂ ଏହାର ନାୟିକା ଆନନ୍ଦି, ଘରେଘରେ ପରିଚିତ ଏହି ନାଁଟି ଅଦିନରେ ସମସ୍ତଙ୍କ ଠାରୁ ଦୂରେଇ ଯାଇଥିଲା । ଆତ୍ମହତ୍ୟା କରିଥିଲେ ସମସ୍ତଙ୍କ ପ୍ରିୟ ଆନନ୍ଦି ବା ପ୍ରତ୍ୟୁଷା ବାନାର୍ଜୀ । ତେବେ ଏହି ଆତ୍ମହତ୍ୟାକୁ ନେଇ ଦେଖିବାକୁ ମିଳିଥିଲା ଅନେକ ବାଦବିବାଦ, ଆଜିର ବି କ୍ରାଇମରେ ପ୍ରତ୍ୟୁଷାଙ୍କ କାହାଣୀ ।**


ମିଳିଥିଲା । ଯାହା ଏକ ବିବାଦ ଓ ସନ୍ଦେହ ସୃଷ୍ଟି କରିଥିଲା ।

## ରାହୁଲଙ୍କ ମାନହାନି ମକଦ୍ଦମା

କାମ୍ୟା ପଞ୍ଜାବୀ ଏବଂ ବିକାଶ ଗୁପ୍ତାଙ୍କ ସମେତ ଚଳଚ୍ଚିତ୍ର ଜଗତର ଅନେକ ବ୍ୟକ୍ତି ରାହୁଲଙ୍କ ଉପରେ ହତ୍ୟା ଅଭିଯୋଗ ଆଣିଥିଲେ । ୨୦୧୬ ଶେଷ ଆଡ଼କୁ କାମ୍ୟା ପଞ୍ଜାବୀ ପ୍ରତ୍ୟୁଷା ବାନାର୍ଜୀଙ୍କ ଉପରେ ଏକ ସର୍ଟ ଫିଲ୍ମ (କ୍ଷୁଦ୍ର ଚଳଚ୍ଚିତ୍ର) ନିର୍ମାଣ କରିଥିଲେ, ଯେଉଁଥିରେ ସେ ରାହୁଲଙ୍କୁ ଜଣେ ଅଭିଯୁକ୍ତ ଭାବରେ ଦର୍ଶାଇଥିଲେ । ଏହି ସର୍ଟ ଫିଲ୍ମଟି ବିବାଦୀୟ ହୋଇପଡ଼ିଥିଲା, ଯାହା ପରେ ରାହୁଲ ଅକ୍ଟୋବର ୨୦୧୬ରେ କାମ୍ୟା ପଞ୍ଜାବୀଙ୍କ ବିରୋଧରେ ୧ କୋଟି ଟଙ୍କାର ମାନହାନି ମକଦ୍ଦମା ଦାୟର କରିଥିଲେ ।

## ଆଜି ବି ଅମୀମାଂସିତ କେସ୍

ଆଜି ରାହୁଲ ରାଜ ସିଂ ନିଜ ପୂର୍ବ ପ୍ରେମିକା ସଲୋନୀଙ୍କୁ ବିବାହ କରି ଏକ ସନ୍ତାନର ପିତା ହୋଇସାରିଛନ୍ତି । ରାହୁଲଙ୍କ ଅନୁସାରେ ସେ ଆଜି ବି ପ୍ରତ୍ୟୁଷାଙ୍କୁ ଭଲ ପାଉଛନ୍ତି । ହେଲେ କୋର୍ଟ ଆଜି ପର୍ଯ୍ୟନ୍ତ ରାହୁଲଙ୍କୁ ଏହି କେସ୍‌ରୁ କ୍ଲିନ୍ ଚିଟ୍ ଦେଇନାହାନ୍ତି । ୯ ବର୍ଷ ପରେ ମଧ୍ୟ ପ୍ରତ୍ୟୁଷାଙ୍କ ପିତାମାତା ନ୍ୟାୟ ଅପେକ୍ଷାରେ ଅଛନ୍ତି । ବର୍ତ୍ତମାନ ସୁଦ୍ଧା ଏହି ମାମଲା କୋର୍ଟରେ ଚାଲିଛି ଏବଂ ବିଚାରାଧୀନ ରହିଛି ।



# ଟୁଉକୁ ମୂଷି

**ଆଈମା କାହାଣୀ ପେଡିରେ ଅନେକ ଗଳ୍ପ ଏଭଳି ଥାଏ ଯାହା ଛୋଟ ଶିଶୁଙ୍କର ମନୋରଞ୍ଜନ ସହିତ ବୁଦ୍ଧିର ବିକାଶ କରିଥାଏ । ସେମାନଙ୍କୁ ମଜାରେ ମଜାରେ ସମାଜ ପାଇଁ ପ୍ରସ୍ତୁତ କରିଥାଏ । ଏହି କାହାଣୀର ତାଲିକା ଖୁବ ଲମ୍ବା ସେଥି ମଧ୍ୟରୁ ଗୋଟିଏ ହେଲା ଟୁଉକୁ ମୂଷି, ଆସନ୍ତୁ ଜାଣିବା କଣ ରହିଛି ଏହାର ବିଷୟ ।**

ଦିନେ ଏକଦା ଏକ ଗହଳିଆ ଜଙ୍ଗଲ ନିକଟରେ ଟୁଉକୁ ନାମକ ଏକ ଅତ୍ୟନ୍ତ ଚତୁର ଏବଂ ବୁଦ୍ଧିମାନ ମୂଷା ରହୁଥିଲା, ଯାହାର ସାହସ ଏବଂ ଉପସ୍ଥିତ ବୁଦ୍ଧି ପାଇଁ ସେ ସାରା ଜଙ୍ଗଲରେ ପରିଚିତ ଥିଲା । ଟୁଉକୁ କେବଳ ନିଜର ଖାଦ୍ୟ ସଂଗ୍ରହ କରିବାରେ ଚାଲାକ ନଥିଲା, ବରଂ ବଡ଼ ବଡ଼ ବିପଦ ସମୟରେ କିପରି ଶତ୍ରୁକୁ ଚକମା ଦେଇ ରକ୍ଷା ପାଇବାକୁ ହୁଏ, ସେଥିରେ ସେ ମାହିର ଥିଲା । ଦିନେ ଟୁଉକୁ ଏକ ବାଡ଼ି ବଗିଚାରୁ ଶସ୍ୟ ଖୋଜୁଥିବା ସମୟରେ ହଠାତ୍ ଏକ ଭୋକିଲା ବିଲେଇ ତା' ଉପରକୁ ଝାମ୍ପ ମାରିବାକୁ ଚେଷ୍ଟା କଲା, କିନ୍ତୁ ଟୁଉକୁ ଡରି ନଯାଇ ଏକ ଗାତ ଭିତରକୁ ପଶିଗଲା ଏବଂ ସେଠାରୁ ବିଲେଇକୁ ଚିଡ଼ାଇ କହିଲା ଯେ ଯଦି ବିଲେଇ ତାକୁ ଧରିବାକୁ ଚାହେଁ, ତେବେ ତାକୁ ପ୍ରଥମେ ଗାତ ଭିତରେ ଥିବା "ସୁନା ମୁଦି" ଖୋଜିବାକୁ ପଡ଼ିବ । ବିଲେଇଟି ଲୋଭରେ ପଡ଼ି ଯେତେବେଳେ ଗାତ ପାଖରେ ନଇଁ ପଡ଼ିଲା, ଟୁଉକୁ ଅନ୍ୟ ଏକ ବାଟ ଦେଇ ବାହାରି ପଳାଇଲା । ଅନ୍ୟ ଏକ ସମୟରେ ଏକ ସାପ ତାକୁ ଖାଇବା ପାଇଁ ଗୋଡ଼ାଉଥିବା ବେଳେ ଟୁଉକୁ ଏକ ବଡ଼ ଗଛ ମୂଳରେ ଥିବା କଣ୍ଟା ବୁଦା ଭିତରକୁ ପଶିଗଲା, ଯେଉଁଠାରେ ସାପର ଶରୀର ପଶିବା କଷ୍ଟକର ଥିଲା । ସେହିପରି ଦିନେ ଏକ ଚିଲ ତାକୁ ଆକାଶରୁ ଝାମ୍ପି ନେବାକୁ ଆସୁଥିବା ବେଳେ ଟୁଉକୁ ଏକ ମଲା ଜନ୍ତୁର ଚମଡ଼ା ଭିତରେ ନିଜକୁ ଏପରି ଲୁଚାଇ ଦେଲା ଯେ ଚିଲ ତାକୁ ପଥର ଭାବି ଛାଡ଼ି ଚାଲିଗଲା । ଏହିଭଳି ସେ ଅନେକ ସମୟରେ ବିଭିନ୍ନ ପଶୁଙ୍କୁ ଚକମା ଦେଇ ନିଜ ଜୀବନ ବଞ୍ଚାଇବାରେ ସଫଳ ହୋଇଥାଏ । ଟୁଉକୁର କାହାଣୀ ଆମକୁ ଶିଖାଏ ଯେ ଶରୀରରେ ଛୋଟ ହେଲେ ମଧ୍ୟ ଯଦି ମଣିଷ ପାଖରେ ଧୈର୍ଯ୍ୟ ଏବଂ ବୁଦ୍ଧି ଥାଏ, ତେବେ ସେ ଦୁନିଆର ଯେକୌଣସି ଶକ୍ତିଶାଳୀ ଶତ୍ରୁକୁ ପରାସ୍ତ କରିପାରିବ । ଟୁଉକୁ ମୂଷିର ଏହି ଚତୁରତା ଯୋଗୁଁ ସେ ଜଙ୍ଗଲର ଅନ୍ୟ ମୂଷାମାନଙ୍କ ପାଇଁ ପ୍ରେରଣା ଥିଲା । ତେଣୁ ବୁଦ୍ଧି ବଳରେ ଅନେକ ବଡବଡ ବଳୁଆ ଲୋକଙ୍କୁ ମଧ୍ୟ ପରାସ୍ତ କରିହେବ ।









# ବର୍ଜ୍ୟରୁ ବ୍ୟବହାରଯୋଗ୍ୟ

ତାମିଲନାଡୁର ପର୍ଯ୍ୟଟନସ୍ଥଳୀ ଭେଲିଙ୍ଗିରି ପାହାଡ଼କୁ ଯାଉଥିବା ଶ୍ରଦ୍ଧାଳୁମାନେ ଛାଡି ଯାଉଥିବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପୂର୍ବରୁ ପରିବେଶପାଇଁ ଏକ ଚିନ୍ତାର ବିଷୟ ପାଲଟିଥିଲା । ତେବେ ଏହି ଚିନ୍ତାକୁ ସେଠିକାର ଏକ ଷ୍ଟାର୍ଟଅପ କମ୍ପାନୀ ସମାଧାନ କରିଥିବା ଦେଖିବାକୁ ମିଳିଛି । ବୁଲୁଭାମ୍ପଟ୍ଟିସ୍ଥିତ ଫରେଷ୍ଟ ରେଞ୍ଜ ଅଫିସରେ ସ୍ଥାପିତ ହୋଇଥିବା ଆଲମାରୀ, ଟେବୁଲ୍ ଏବଂ ତିନି ସିଟ୍ ବିଶିଷ୍ଟ ସୋଫା ସେଟ୍ କୌଣସି କାଠ କିମ୍ବା ଧାତୁରେ ନୁହେଁ, ବରଂ ଟ୍ରେକିଂ ରୁଟ୍‌ରୁ ସଂଗୃହିତ ପ୍ଲାଷ୍ଟିକ୍‌ରୁ ପ୍ରସ୍ତୁତ କରାଯାଇଛି । ତାମିଲନାଡୁ ବନ ବିଭାଗ ଏବଂ କୋଏମ୍ବାଟୁରସ୍ଥିତ କ୍ଲିନ୍-ଟେକ୍ ଷ୍ଟାର୍ଟ-ଅପ୍ 'ରିକମ୍ପୋଜ୍ ରିସାଇକ୍ଲିଂ ପ୍ରାଇଭେଟ୍ ଲିମିଟେଡ୍' ର ମିଳିତ ସହଯୋଗରେ ଏହି ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ବିଶେଷ କରି ମଲ୍ଟି-ଲେୟାର୍ ପ୍ଲାଷ୍ଟିକ୍ , ଯାହା ସାଧାରଣତଃ ସ୍ନାକ୍ସ ପ୍ୟାକେଟ୍ ଏବଂ ସାଚେ ଆକାରରେ


**ଅନେକ ସମୟରେ ଛୋଟଛୋଟ ଷ୍ଟାର୍ଟଅପ ପରିବେଶ ପାଇଁ ଖୁବ ଉପକାରୀ ପ୍ରୋଜେକ୍ଟ ଲଞ୍ଚ କରିଥାଆନ୍ତି । ସେହିଭଳି ଏକ ପ୍ରୋଜେକ୍ଟ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚାର ବିଷୟ ପାଲଟିଛି । ଆବର୍ଜନାକୁ ଉପଯୋଗ କରି ଏକ ଅନୁଷ୍ଠାନ ପ୍ରସ୍ତୁତି କରୁଛି ବ୍ୟବହାର ଉପଯୋଗୀ ସାମଗ୍ରୀ ।**







ପାହାଡ଼ ଉପରେ ପଡିରହିଥାଏ ଏବଂ ଯାହାକୁ ରିସାଇକ୍ଲିଂ କରିବା ସବୁଠାରୁ କଷ୍ଟକର । ସେହି ବର୍ଜ୍ୟବସ୍ତୁକୁ ଏବେ ଲ୍ୟାଣ୍ଡଫିଲ୍‌କୁ ନପଠାଇ ଉପଯୋଗୀ ସାମଗ୍ରୀରେ ପରିଣତ କରାଯାଉଛି । ବନ ବିଭାଗର ଅଧିକାରୀଙ୍କ ସହାୟତାରେ ଏହି ପ୍ଲାଷ୍ଟିକ୍‌କୁ ସଫା କରାଯାଇ ପ୍ରକ୍ରିୟାକରଣ ପରେ ରୁଫିଙ୍ଗ୍ ସିଟ୍, ପେଭର ବ୍ଲକ୍ ଏବଂ ଆସବାବପତ୍ରରେ ରୂପାନ୍ତରିତ କରାଯାଉଛି । ଏହି ପଦକ୍ଷେପ କେବଳ ପରିବେଶ ପ୍ରଦୂଷଣ ରୋକୁନାହିଁ, ବରଂ ସ୍ଥାନୀୟ ପ୍ରଶାସନ ପାଇଁ ବର୍ଜ୍ୟବସ୍ତୁ ପରିଚାଳନାର ଏକ ସ୍ଥାୟୀ ମଡେଲ୍ ଭାବେ ଉଭା ହୋଇଛି । କେବଳ ଭେଲିଙ୍ଗିରି ପାହାଡ଼ ନୁହେଁ, ଏହି ରିସାଇକ୍ଲିଂ ମଡେଲ୍ କୋଏମ୍ବାଟୁରର କିଟଂପାଲାୟମ୍ ଗ୍ରାମ ପଞ୍ଚାୟତରେ ମଧ୍ୟ ସଫଳତା ପାଇଛି । ୨୦୨୪ ନଭେମ୍ବର ସୁଦ୍ଧା ଶେଷ ହୋଇଥିବା ଏକ ପ୍ରକଳ୍ପରେ ପ୍ରାୟ ୧,୯୦୮ କିଲୋଗ୍ରାମ ମଲ୍ଟି-ଲେୟାର୍ ପ୍ଲାଷ୍ଟିକ୍ ବ୍ୟବହାର କରି ଏକ ବସ୍ ଶେଲ୍ଟର ନିର୍ମାଣ କରାଯାଇଛି । ଏଠାରେ ଗ୍ରାମବାସୀଙ୍କୁ ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ଜୈବିକ ବର୍ଜ୍ୟବସ୍ତୁକୁ ଖତରେ ପରିଣତ କରିବା ପାଇଁ ମଧ୍ୟ ଶିକ୍ଷା ଦିଆଯାଉଛି । ଏହି ସଫଳତା ଭାରତର ଅନ୍ୟାନ୍ୟ ସଂସ୍ଥା ଯେଉଁମାନେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁରୁ ରାସ୍ତା ମରାମତି ଏବଂ ଉଡ଼ମାନର କଞ୍ଚାମାଲ ପ୍ରସ୍ତୁତ କରୁଛନ୍ତି ସେମାନେ ପ୍ରେରିତ ହେଉଛନ୍ତି । ପବିତ୍ର ପୀଠଗୁଡ଼ିକରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଭେଲିଙ୍ଗିରିର ଏହି ମଡେଲ୍ ଏକ ବଡ଼ ଉଦାହରଣ ପାଲଟିଛି । ଯେଉଁ ପ୍ଲାଷ୍ଟିକ୍ ଦିନେ ପାହାଡ଼ର ପରିବେଶ ପାଇଁ ବିପଦ ସାଜିଥିଲା, ଆଜି ତାହା ସେହି ଜଙ୍ଗଲ ଏବଂ ଜନସାଧାରଣଙ୍କ ସେବାରେ ଉପଯୋଗୀ ସମ୍ପତ୍ତି ଭାବେ ବ୍ୟବହୃତ ହେଉଛି । ଏହି ମଡେଲକୁ ଅନ୍ୟ ସ୍ଥାନରେ ମଧ୍ୟ ବ୍ୟବହାର ପାଇଁ ଆଲୋଚନା ଜାରି ରହିଛି । ଏହା ପରିବେଶ ପ୍ରଦୂଷଣ ଓ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁକୁ ବ୍ୟବହାର କରିବା ପାଇଁ ଏକ ଭଲ ବିକଳ୍ପବୋଲି ମତ ପ୍ରକାଶ ପାଉଛି ।



# ଅର୍ଜୁନଙ୍କ ହାତ ଧରିଲେ ସାନିଆ

ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ପୁଅ ତଥା କ୍ରିକେଟର୍ ଅର୍ଜୁନ ତେନ୍ଦୁଲକର ଓ ସାନିଆ ଚାନ୍ଦୋକ୍‌ଙ୍କ ବିବାହ ସମ୍ପନ୍ନ ହୋଇଛି । ପରିବାରବର୍ଗ ଓ ଅଳ୍ପ କିଛି ପାରିବାରିକ ବନ୍ଧୁଙ୍କ ଉପସ୍ଥିତିରେ ମୁମ୍ବାଇର ବିଳାଶମୟ ପଞ୍ଚତାରକା ହୋଟେଲ୍ ସେଣ୍ଟ୍ ରେଗିସରେ ବିବାହ ହୋଇଥିଲା । ଗତ ବର୍ଷ ଅଗଷ୍ଟ ମାସରେ ଉଭୟଙ୍କ ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା ।

ବିବାହ ପରେ ଅନୁଷ୍ଠିତ ପ୍ରିତିଭୋଜନରେ କ୍ରିକେଟ୍, ବଲିଉଡ୍ ସମେତ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଯୋଗଦେଇଥିବା ଅତିଥିମାନଙ୍କ ମଧ୍ୟରେ ଶିଳ୍ପପତି ମୁକେଶ ଅମ୍ବାନି ଓ ପରିବାର, ସଚିନଙ୍କ ପୂର୍ବତନ ସାଥୀ ଖେଳାଳି ରାହୁଲ ଦ୍ରାବିଡ୍ ଓ ପନିୀ ବିଜେତା, ଅନୀଲ କୁମ୍ବଲେ ଓ ପନିୀ ଚେତନା, ଯୁବରାଜ ସିଂ, ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର, ଚୟନକର୍ତ୍ତା ଅଜିତ ଆଗରକର, ଆଇସିସି ଅଧ୍ୟକ୍ଷ ଜୟ ଶାହ, ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ, ପୂର୍ବତନ ଅଲ୍ରାଉଣ୍ଡର ଇରଫାନ ପଠାନ, ଆଜିଙ୍କ୍ୟ ରାହାଣେ, ଅଭିନେତା ଶାହରୁଖ ଖାଁ ଓ ପନିୀ ଗୌରୀ ଖାଁ, ଅଭିଷେକ ବଚ୍ଚନ ଓ ପନିୀ ଐଶ୍ୱର୍ଯ୍ୟା ରାୟ, ଅମୀର ଖାଁ, ପୂର୍ବତନ ଦ୍ରୁତ ବୋଲର ଜାହିର ଖାଁ ଓ ପନିୀ ଶାଗରିକା, କ୍ରିକେଟର୍ ତଥା ଅର୍ଜୁନଙ୍କ ବାଲ୍ୟବନ୍ଧୁ ପୃଥ୍ୱୀ ଶ, ମହାରାଷ୍ଟ୍ରର କ୍ୟାବିନେଟ୍ ମନ୍ତ୍ରୀ ଅନ୍ତର୍ଭୁକ୍ତ ଥିଲେ ।



## ସାନିଆ ଚାନ୍ଦୋକ୍ କିଏ

ଅର୍ଜୁନ ତେନ୍ଦୁଲକରଙ୍କ ପନିୀ ସାନିଆ ଚାନ୍ଦୋକ୍ ହେଉଛନ୍ତି ମୁମ୍ବାଇର ଜଣାଶୁଣା ବ୍ୟବସାୟୀ ତଥା ଗ୍ରାଭିସ୍ ଗ୍ରୁପର ଅଧ୍ୟକ୍ଷ ରବି ଚାନ୍ଦୋକ୍‌ଙ୍କ ନାତୁଣୀ । ଗ୍ରାଭିସ୍ ଗ୍ରୁପ ହୋଟେଲ, ଆଇସକ୍ରିମ୍ ଓ ଅନ୍ୟ କେତେକ ଖାଦ୍ୟ ବ୍ୟବସାୟରେ ଏକ ଜଣାଶୁଣା ନାମ । ନିଜେ ସାନିଆ ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସରେ ପାଠ ପଢ଼ିବା ସହ ଭେଟନାରି ଟେକନିସିଆନ୍ ଡିପ୍ଲୋମା ମଧ୍ୟ ହାସଲ କରିଛନ୍ତି । ପରିବାରର ଏହି ବ୍ୟବସାୟ ସାମ୍ରାଜ୍ୟଠାରୁ ଅଲଗା ଏକ ନିଜସ୍ୱ ଷ୍ଟାର୍ଟଅପ୍ ଆରମ୍ଭ କରିଛନ୍ତି ସାନିଆ । ତାହା ହେଉଛି ''ମିଃ ପ'ଜ୍ ପେଟ୍ ସ୍ପା' । ଏହା ପୋଷା କୁକୁରମାନଙ୍କୁ ଚିକିତ୍ସା ଓ ଯତ୍ନ ପାଇଁ କାମ କରିଥାଏ ।

ଚାଲିଛି ଟି୨୦ ବିଶ୍ୱକପ୍ । ଆଉ କିଛି ଦିନରେ ଆରମ୍ଭ ହେବ ଆଇପିଏଲ । ଯାହାକୁ ଉତ୍ସାହର ସହ ଅନେଇ ବସିଛନ୍ତି ଭାରତୀୟ କ୍ରିକେଟସ । ନିଜର ଫେଭରେଟ୍ ପ୍ଲେୟାରଙ୍କୁ ସେମାନେ ଦେଖିବେ । ରୋହିତ ଶର୍ମା ଏବଂ ବିରାଟ କୋହଲି ଆଇପିଏଲ ଖେଳୁଥିବାରୁ ଫ୍ୟାନ୍ସ ଖୁସି ହେବେ । ଏହା ସହ ଦୁଇ ଭେଟେରାନଙ୍କୁ ବ୍ଲୁ ଜର୍ସିରେ ଦେଖିବାକୁ ଫ୍ୟାନ୍ସ ଅପେକ୍ଷା କରି ରହିଛନ୍ତି । ତେବେ ଖୁବ୍ ଶୀଘ୍ର ଅପେକ୍ଷାର ଅନ୍ତ ହେବାକୁ ଯାଉଛି । ରିପୋର୍ଟ ଅନୁସାରେ, ମେ ମାସରେ ଆଇପିଏଲ ଶେଷ ହେବ । ଏହାପରେ ସବୁଠୁ ବଡ଼ ଟୁର୍ଣ୍ଣାମେଣ୍ଟ ହେଉଛି ୨୦୨୭ ଦିନିକିଆ ବିଶ୍ୱକପ୍ । ଯେଉଁଥିରେ ବିରାଟ ଏବଂ ରୋହିତ ଖେଳିବା ନେଇ ସମ୍ଭାବନା ରହିଛି । କିନ୍ତୁ ଏହା ପୂର୍ବରୁ ଟିମ୍ ଦିନିକିଆ ସିରିଜ୍ ଖେଳିବ ।

# ଅଧିକ ଦିନିକିଆ ମ୍ୟାଚ୍ ଖେଳିବ ଭାରତ

୨୦୨୬ରେ ଭାରତ ୧୫ଟି ଦିନିକିଆ ମ୍ୟାଚ୍ ଖେଳିବ । କ୍ରିକ୍ ହବ୍ ରିପୋର୍ଟ ଅନୁସାରେ, ଚଳିତ ବର୍ଷ ମେନ୍ ଇନ୍ ବ୍ଲୁ ନ୍ୟୁଜିଲାଣ୍ଡ ଗସ୍ତ କରିପାରେ । ଯାହା ବିଶ୍ୱକପ୍ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ । ଅକ୍ଟୋବର ନଭେମ୍ବରରେ ଦଳ ପାଞ୍ଚୋଟି ଟି୨୦, ଦୁଇଟି ଦିନିକିଆ ଏବଂ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିବ । ତେବେ ଓଡିଆଇ ସିରିଜ୍‌ରେ ଆଉ ଦୁଇଟି ମ୍ୟାଚ୍ ସାମିଲ ହୋଇପାରେ । ବିସିସିଆଇ ଟି୨୦ର ଦୁଇଟି ମ୍ୟାଚ୍ କମାଇ ଦିନିକିଆରେ ଯୋଡିବାକୁ ଯୋଜନା କରୁଛି । ଏହାଦ୍ୱାରା ବିରାଟ ଏବଂ ରୋହିତଙ୍କୁ ଫ୍ୟାନ୍ ଅଧିକ ଦୁଇଟି ମ୍ୟାଚରେ ଦେଖିବେ । ଏନେଇ ବିସିସିଆଇ କିମ୍ବା ନ୍ୟୁଜିଲାଣ୍ଡ କ୍ରିକେଟ୍ ବୋର୍ଡ ବିଧିବଦ୍ଧ କୌଣସି ଘୋଷଣା କରିନାହାଁନ୍ତି । କିନ୍ତୁ ଉଭୟ ବୋର୍ଡ ଦିନିକିଆ ସିରିଜରେ ପରିବର୍ତ୍ତନ କରିବା ନେଇ ସଙ୍କେତ ମିଳୁଛି । ଚଳିତବର୍ଷ ପ୍ରଥମେ ଜୁନରେ ଭାରତ ଆଫଗାନିସ୍ତାନ ସହ ଦିନିକିଆ ସିରିଜ୍ ଖେଳିବ । ଏହାପରେ ଜୁଲାଇରେ ଇଂଲଣ୍ଡ ବିପକ୍ଷରେ ମ୍ୟାଚ୍ ଅଛି । ଏହାସହ ଓ୍ୱେଷ୍ଟ ଇଣ୍ଡିଜ୍ ଏବଂ ଶ୍ରୀଲଙ୍କା ସହ ଦିନିକିଆ ଖେଳିବା ନେଇ ନିର୍ଦ୍ଧାରିତ ହୋଇଛି ।



# ଫୁଟବଲ ପଡ଼ିଆରେ ଯୁଦ୍ଧର ପ୍ରଭାବ

ଆମେରିକା-ଇସ୍ରାଏଲ ସହ ଇରାନ କରୁଥିବା ଲେଇର ପ୍ରଭାବ ଫୁଟବଲ ପଡ଼ିଆରେ ଦେଖିବାକୁ ମିଳିଛି । ଯୁଦ୍ଧ ବିରୋଧରେ ଇରାନୀୟ ମହିଳା ଫୁଟବଲ ମ୍ୟାଚ୍ ବେଳେ ନୀରବ ରହି ପ୍ରତିବାଦ କରିଛନ୍ତି । ଗୋଲଫ କଷ୍ଟରେ ଆରମ୍ଭ ହୋଇଥିବା ମହିଳା ଏସିଆ କପର ପ୍ରଥମ ମ୍ୟାଚରେ ଇରାନୀୟ ଫୁଟବଲ ଟିମର ଖେଳାଳିମାନେ ଯୁଦ୍ଧକୁ ବିରୋଧ କରି ଦେଶର ଜାତୀୟ ସଂଗୀତ ଗାନ କରିନାହାନ୍ତି ।

ଇରାନର ଜାତୀୟ ସଂଗୀତ ମ୍ୟାଚ୍ ପୂର୍ବରୁ ବାଜିଥିଲେ ହେଁ କୌଣସି ଖେଳାଳି କିମ୍ବା ଦଳର ମୁଖ୍ୟ କୋଚ ଏହାକୁ ଗାନ ନ କରି ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧକୁ ବିରୋଧ କରିଛନ୍ତି । ଦକ୍ଷିଣ କୋରିଆ ବିପକ୍ଷ ପ୍ରଥମ ମ୍ୟାଚ୍ ପୂର୍ବରୁ ଇରାନୀୟ ମହିଳା ଫୁଟବଲ ଟିମର ଖେଳାଳିମାନେ ପାରମ୍ପରିକ ଢଙ୍ଗରେ ଲାଇନ କରି ଛିଡ଼ା ହୋଇଥିଲେ । ଏହି ସମୟରେ ରାଷ୍ଟ୍ରୀୟ ସଂଗୀତ ବାଜିଥିଲା । କିନ୍ତୁ ଲାଇନରେ ଛିଡ଼ା ହୋଇଥିବା କୌଣସି ଖେଳାଳି କିମ୍ବା ମୁଖ୍ୟ କୋଚ ମାରଜିୟେ ଜାଫାରି ଏହାକୁ ଗାନ କରିଥିଲେ । କ୍ୟାମେରାର ଲେନ୍ସ ସେମାନଙ୍କ ଉପରେ ପଡ଼ି ଥିଲେ ହେଁ ସେମାନେ କେବଳ ଚୁପ ହୋଇ ଆଗକୁ ଚାହିଁଥିଲେ ।

ଆମେରକା-ଇସ୍ରାଏଲ ଏୟାର ଷ୍ଟ୍ରାଇକ କର ଇରାନର ସୁପ୍ରିମ ଲିଡର ଆୟୋତୁଲ୍ଲା ଅଲୀ ଖାମେନେଇଙ୍କୁ ହତ୍ୟା କରିଛନ୍ତି । ଏହାପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ରମ୍ଭ ହୋଇଛି । ଏସବୁ ଭିତରେ ଫୁଟବଲ ପଡ଼ିଆରେ ଇରାନୀୟ ଖେଳାଳି ଏହାକୁ ବିରୋଧ କରିଛନ୍ତି । ମ୍ୟାଚ ପୂର୍ବରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ବେଳେ ଇରାନ ଅଧିନାୟକ ଜାହରେ ଘାନବରି ଓ ମୁଖ୍ୟ କୋଚ ଜାଫାରିଙ୍କୁ ଖାମେନେଇଙ୍କ ମୃତ୍ୟୁ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା । ଜାଫାରି ଏହାର ଉତ୍ତର ଫରାସୀ ଭାଷାରେ ଦେଇଥିଲେ । କିନ୍ତୁ ଏଏଫସି ପକ୍ଷରୁ ଏ ସମ୍ପର୍କରେ କୌଣସି ଅନୁବାଦ କରାଯାଇ ନଥିଲା । ପ୍ରଶ୍ନର ଉତ୍ତରକୁ ବାଦ ଦେଇ ଖେଳ ଉପରେ ଫୋକସ କରିବାକୁ କୁହାଯାଇଥିଲା । ମ୍ୟାଚ୍ ପୂର୍ବରୁ ଇରାନ ଯୁଦ୍ଧକୁ ନେଇ ବିବାଦ ଦେଖାଇଥିଲେ ହେଁ ରେଜଲଫ ଦକ୍ଷିଣ କୋରିଆ ସପକ୍ଷରେ ଯାଇଛି । ଏହି ମ୍ୟାଚରେ ଇରାନକୁ ୦-୨ରେ କୋରିଆ ଠାରୁ ହାରିବାକୁ ପଡ଼ିଛି । ତଥାପି ଖେଳାଳିଙ୍କ ପ୍ରଦର୍ଶନକୁ ନେଇ ମୁଖ୍ୟ କୋଚ ବେଶ ଖୁସି ଥିବା କହିଛନ୍ତି ।



# ଚିନାସ୍ୱାମୀରେ ଆଇପିଏଲ

ବେଙ୍ଗାଲୁରୁର ପ୍ରସିଦ୍ଧ ଏମ ଚିନାସ୍ୱାମୀ ଷ୍ଟାଡିୟମକୁ ଫେରିବ କ୍ରିକେଟ । ଆଇପିଏଲ ୨୦୨୬ରେ ଏହି ଐତିହାସିକ ଷ୍ଟାଡିୟମ ଏକାଧିକ ହାଇପ୍ରୋଫାଇଲ ମ୍ୟାଚ୍ ଆୟୋଜନ କରିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛି । ଏହି ଖବର କର୍ଣ୍ଣାଟକାର କ୍ରିକେଟ ଫ୍ୟାନ୍ସଙ୍କୁ ବେଶ ଉତ୍ସାହିତ କରିଛି । ବିଶେଷ କରି ୨୦୨୬ ଆଇପିଏଲର ପ୍ଲେଅଫ ଓ ଫାଇନାଲ ମ୍ୟାଚ୍ ମଧ୍ୟ ଏଠାରେ ଖେଳାଯିବା ଖବର ସମସ୍ତଙ୍କୁ ଆନନ୍ଦିତ କରିଛି ।

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଚିନାସ୍ୱାମୀଙ୍କୁ ନିଜ ହୋମଗ୍ରାଉଣ୍ଡ ଭାବେ ବ୍ୟବହାର କରିବ । ଦଳ ଏଠାରେ ନିଜର ୫ଟି ଲିଗ ମ୍ୟାଚ୍ ଖେଳିବ । ଆରସିବି ୨୦୨୫ରେ ଚାମ୍ପିଅନ ହୋଇଥିବା ବେଳେ ଏଥର ପୁଣି ଟ୍ରଫି ବଜାୟୀ ରଖିବାକୁ ଚେଷ୍ଟା କରିବ । ତେଣୁ ଏହି ପ୍ରୟାସରେ ଚିନାସ୍ୱାମୀ ହୋମ ଟିମର ଗଡ଼ ଭାବେ ଉଭା ହେବ ବୋଲି ସମସ୍ତେ ଆଶା କରିଛନ୍ତି । ୨୦୨୫ ଆଇପିଏଲ ଟ୍ରଫି ଆରିସିବି ଜିତିଥିଲା । ଏହାପରେ ଦଳ ନିଜ ହୋମଗ୍ରାଉଣ୍ଡ ଚିନାସ୍ୱାମୀରେ ବିଜୟ ଶୋଭାଯାତ୍ରା କରିବାକୁ ଲକ୍ଷ୍ୟ ରଖିଥିଲା । କିନ୍ତୁ ଶୋଭାଯାତ୍ରା ବେଳେ ଭୟଙ୍କର ଦଳା ଚକଟା ହୋଇଥିଲା । ଏଥିଯୋଗୁ ୧୧ ଜଣଙ୍କ ଜୀବନ ଯାଇଥିଲା । ସେବେଠାରୁ ଚିନାସ୍ୱାମୀ କ୍ରିକେଟ ମ୍ୟାଚ୍ ଆୟୋଜନ କରିବାରୁ ବଞ୍ଚିତ ହୋଇଥିଲା ।

ନିକଟରେ କର୍ଣ୍ଣାଟକା ସରକାର ଷ୍ଟାଡିୟମର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ । ଏହାପରେ ଏଠାରେ ଆଇପିଏଲ ମ୍ୟାଚ୍ ଆରମ୍ଭ କରିବାକୁ କ୍ୟାବିନେଟ ଜରିଆରେ ଅନୁମତି ଦେଇଥିଲେ । ଏହାପୂର୍ବରୁ ଏମ ଚିନାସ୍ୱାମୀରେ ରଣଜୀ ଟ୍ରଫି ଫାଇନାଲ କର୍ଣ୍ଣାଟକା ଓ ଜମ୍ମୁ-କଶ୍ମୀର ମଧ୍ୟରେ ଖେଳାଯିବାର ଥିଲା । କିନ୍ତୁ ମ୍ୟାଚକୁ ହୁବଲୀକୁ ସ୍ଥାନାନ୍ତର କରାଯାଇଥିଲା । ସୁରକ୍ଷା ଦୃଷ୍ଟିରୁ ଏପରି ପଦକ୍ଷେପ ନିଆଯାଇଥିଲା । ଏବେ କିନ୍ତୁ ଚିନାସ୍ୱାମୀଙ୍କୁ କ୍ରିକେଟ ଫେରିବାକୁ ଯାଉଛି । ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ନିଷ୍ପତ୍ତି ପରେ ଚିନାସ୍ୱାମୀକୁ ମିଳିଛି ଆଇପିଏଲ ଆୟୋଜନର ଅଧିକାର ।

# ଅପେକ୍ଷା କରିଛନ୍ତି ଦର୍ଶକ

**ଟେଲି ଦୁନିଆର ପରିଚିତ ନାଁ ହେଲେ ଭିଭିଆନ ଡିସେନା, ଯିଏ ନିଜର ଷ୍ଟାଇଲିସ ଅନ୍ଦାଜ ଓ ଦମଦାର ଅଭିନୟ ପାଇଁ ଘରେଘରେ ପରିଚିତ । ତେବେ କିଛି ଦିନ ହେବ କୌଣସି ପ୍ରୋଜେକ୍ଟରେ ନଜର ଆସିନଥିବା ଭିଭିଆନଙ୍କୁ ଦର୍ଶକ ଖୁବ ଉତ୍ସାହର ସହ ଅପେକ୍ଷା କରିଛନ୍ତି । ଚର୍ଚ୍ଚା ଅନୁସାରେ ଖୁବଶୀଘ୍ର ତାଙ୍କୁ ଓଟିଟି ପ୍ଲାଟଫର୍ମରେ ଦେଖିବାକୁ ମିଳିବ ।**

ଭାରତୀୟ ଟେଲିଭିଜନ ଜଗତର ଲୋକପ୍ରିୟ ଅଭିନେତା ଭିଭିଆନ୍ ଡିସେନାଙ୍କ କ୍ୟାରିୟର କେବଳ ସଫଳତାର କାହାଣୀ ନୁହେଁ, ବରଂ ଏହା ଅହରହ ସଂଘର୍ଷ ଓ ଆତ୍ମବିଶ୍ୱାସର ଏକ ଜ୍ୱଳନ୍ତ ଉଦାହରଣ । ଭିଭିଆନ ନିଜର ସ୍ୱତନ୍ତ୍ର ଶୈଳୀ ଓ ନିଖୁଣ ଅଭିନୟ ମାଧ୍ୟମରେ ଦଶନ୍ଧି ଦଶନ୍ଧି ଧରି ଦର୍ଶକଙ୍କ ହୃଦୟରେ ରାଜ୍ କରିଆସୁଛନ୍ତି ।

ମଧ୍ୟପ୍ରଦେଶର ଉଜ୍ଜୟିନୀରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା ଭିଭିଆନ୍ ଜଣେ ଜାତୀୟ ସ୍ତରର ଫୁଟବଲ ଖେଳାଳି ହେବାର ସ୍ୱପ୍ନ ଦେଖିଥିଲେ । ହେଲେ ସମୟକ୍ରମେ ମୁମ୍ବାଇର ଗ୍ଲାମର ଦୁନିଆ ତାଙ୍କୁ ଆକର୍ଷିତ କରିଥିଲା । ତେବେ ତାଙ୍କୁ ପ୍ରଥମରୁ ଅନେକ ସଂଘର୍ଷ ଓ ରିଜେକସନର ସାମନା କରିବାକୁ ପଡିଥିଲା ।

'କସମ୍ ସେ' ଧାରାବାହିକରୁ ଜଣେ ଯୁବ ଅଭିନେତା ଭାବେ କ୍ୟାରିୟର ଆରମ୍ଭ କରିଥିଲେ ଭିଭିଆନ । ଧାରାବାହିକ 'ପ୍ୟାର୍ କି ଏକ କାହାନୀ'ର ଭାମ୍ପାୟର୍ 'ଅଭୟ ରାୟଚାନ୍ଦ' ଭୂମିକା ତାଙ୍କ କ୍ୟାରିୟରରେ ଟର୍ଣ୍ଣ ପଏଣ୍ଟ ପାଲଟିଥିଲା । ଯାହା ତାଙ୍କୁ ରାତାରାତି ୟୁଥ୍ ଆଇକନ୍‌ର ମାନ୍ୟତା ଦେଇଥିଲା । ଏହାପରେ 'ମଧୁବାଲା - ଏକ ଇସ୍କ ଏକ ଜୁନୁନ୍'ରେ ସୁପରଷ୍ଟାର୍ 'ଆର୍କେ' ଓ 'ଶକ୍ତି - ଅସ୍ତିତ୍ୱ କେ ଏହସାସ କି' ଭଳି ସାମାଜିକ ବିଷୟବସ୍ତୁ ଆଧାରିତ ଶୋ' ତାଙ୍କୁ ଟେଲିଭିଜନ ଇତିହାସର ଜଣେ ସର୍ବଶ୍ରେଷ୍ଠ ଅଭିନେତା ଭାବେ ସ୍ୱୀକୃତି ପ୍ରଦାନ କରିଥିଲା । ଭିଭିଆନ ନିଜର ବ୍ୟକ୍ତିଗତ ଜୀବନକୁ ଲାଇମ ଲାଇଟଠାରୁ ଦୂରରେ ରଖନ୍ତି । ନିକଟରେ ସେ ଲୋକପ୍ରିୟ ରିଆଲିଟି ଶୋ' 'ବିଗ୍ ବସ୍'ରେ ଜଣେ ପ୍ରତିଯୋଗୀ ଭାବେ ଯୋଗ ଦେଇ ନିଜର ଗେମ ପ୍ଲାନିଂ ଯୋଗୁଁ 'ଶୋ'ର ମାଷ୍ଟରମାଇଣ୍ଡ' ଭାବେ ପରିଚିତହୋଇଥିଲେ । ଏଥିରେ ସେ ରନର୍ସଅପ ହୋଇଥିଲେ, ଯାହା ତାଙ୍କ ଫ୍ୟାନଙ୍କୁ ଟିକେ ନିରାଶ କରିଥିଲା । ଏହାପରେ ତାଙ୍କୁ ଲାଫ୍ଟର ସେଫ ରିଆଲିଟି ଶୋରେ ମଧ୍ୟ ଦେଖିବାକି ମିଳିଥିଲା । ହେଲେ ବର୍ତ୍ତମାନ ସେ ନିଜର କିଛି ଅପକମିଂ ପ୍ରୋଜେକ୍ଟରେ ବ୍ୟସ୍ତଥିବା ସୂଚନା ରହିଛି ।

